ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.275 Bhubaneswar Tuesday December 20 2022 | ୨୫ତମ ବର୍ଷ | ସଂଖ୍ୟା-୨୭୫ | ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୦, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ରାଜ୍ୟର ୯୬ ଜଣ ପ୍ରାଥମିକ ଶିକ୍ଷକ ଚାକିରିରୁ ବହିଷ୍କୃତ

ଭୁବନେଶ୍ୱର,୧୯।୧୨(ପି.ଏନ): ରାଜ୍ୟରେ ଦୀର୍ଘଦିନ ଧରି ବିନାନୁମତିରେ ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ପ୍ରାଥମିକ ସ୍କୁଲରେ କନିଷ୍ଠ ଶିକ୍ଷକ ବର୍ଗରେ କାର୍ଯ୍ୟ କରୁଥିବା ୯୬ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସେମାନଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି ।ଆଜି ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବିନାନୁମତିରେ ବହୁ ଶିକ୍ଷକ ଦୀର୍ଘଦିନ ଧରି ଅନୁପସ୍ଥିତ ରହୁଥିବା ଯୋଗୁ ସେମାନଙ୍କ ବିରୁଦ୍ଧରେ ଦୃ? କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା ୨୬ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ୧୫୪ଜଣ ପ୍ରାଥମିକ ଶିକ୍ଷକଙ୍କୁ ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି ।




ଆଗାମୀ ଦିନରେ ଏହି ସମୀକ୍ଷା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବା ସହ ଏଭଳି କାର୍ଯ୍ୟ କ୍ଷେତ୍ରରେ ଅବହେଳା କରୁଥିବା ଶିକ୍ଷକମାନଙ୍କ ବିରୁଦ୍ଧରେ ଉଚିତ୍ ଦଣ୍ଡବିଧାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।ଉଲ୍ଲେଖଯୋଗ୍ୟ, ଗତ ୧୬ ଓ ୧୭ତାରିଖ ଦୁଇଦିନ ଧରି ସେଣ୍ଟ୍ରାଲ ଜୋନର ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ ଦୁଇଦିନିଆ କର୍ମଶାଳା ଓ ସମୀକ୍ଷା ବୈଠକରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃ କରିବା ଓ ଗୁଣାତ୍ମକ ଶିକ୍ଷାଦାନ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ଦୀର୍ଘବର୍ଷ ଧରି ପ୍ରାୟ ୨୫୦ଜଣ ଶିକ୍ଷକ ବିନାନୁମତିରେ ଅନୁପସ୍ଥିତ ରହିଛନ୍ତି ।

## ଜେଲ୍ ଫେରିଲେ ଅର୍ଚ୍ଚନା

ଭୁବନେଶ୍ୱର, ୧୯।୧୨(ପି.ଏନ): ଜେଲକୁ ଫେରିଲେ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ। ଇଡି ପକ୍ଷରୁ ଅର୍ଚ୍ଚନାଙ୍କୁ ଆଉ ଦୁଇ ଦିନ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲେ ବି କୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି । ରିମାଣ୍ଡ ନମିଳିବାରୁ ଝାରପଡା ଜେଲ୍ କୁ ଫେରିଛନ୍ତି ଅର୍ଚ୍ଚନା। ଅର୍ଚ୍ଚନା ତଦନ୍ତରେ ସହଯୋଗ କରୁନାହାନ୍ତି ଓ ପଚରାଉଚରାବେଳେ ଅର୍ଚ୍ଚନା ଉତ୍ତର ଠିକରେ ଦେଉନଥିବା ଇଡି ପକ୍ଷରୁ କୋର୍ଟଙ୍କ ନିକଟରେ ତଥ୍ୟ ରଖାଯାଇଥିଲା ।ସୋମବାର ଦିନ ରିମାଣ୍ଡ ସରିବା ପରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଅର୍ଚ୍ଚନାଙ୍କୁ ଭୁବନେଶ୍ୱର ଏଡିଜେ କୋର୍ଟରେ ହାଜର କରାଇଥିଲା। ପୂର୍ବରୁ ୨ ଥର ରିମାଣ୍ଡରେ ନେଇ ସାରିଥିବା ବେଳେ ଅର୍ଚ୍ଚନାଙ୍କୁ ପୁଣି ୨ ଦିନ ରିମାଣ୍ଡରେ ନେବାକୁ ଇଡି କୋର୍ଟରେ ଆବେଦନ କରିଥିଲା। ଇଡି ଦ୍ୱିତୀୟ ଦଫାରେ ଅର୍ଚ୍ଚନାଙ୍କୁ ୬ ଦିନ ପାଇଁ ଓ ସ୍ୱାମୀ ଜଗବନ୍ଧୁଙ୍କୁ ୯ ଦିନ ପାଇଁ ରିମାଣ୍ଡରେ ନେଇ ପଚରାଉଚରା କରୁଥିଲା।

# ନୂଆବର୍ଷ ପୂର୍ବରୁ ରାଉରକେଲା ବିମାନ ବନ୍ଦରରୁ ଚଳାଚଳ କରିବ ବିମାନ

ଭୁବନେଶ୍ୱର ,୧୯।୧୨(ପି.ଏନ): ଆସନ୍ତା କିଛି ଦିନ ମଧ୍ୟରେ ରାଉରକେଲା ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବ ଓ ପୁରୁଷ ବିଶ୍ୱକପ୍ ହକି ମ୍ୟାଚ୍ ପୂର୍ବରୁ ଏଠାରୁ ବିମାନ ଚଳପ୍ରଚଳ କରିବ ବୋଲି ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ।ଆଜି ରାଉରକେଲାରେ ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ ସମେତ ରାଉରକେଲା ବିମାନ ବନ୍ଦର ଓ ଅନ୍ୟାନ୍ୟ ଭିତ୍ତିଭମି ନିର୍ମାଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିବା ପରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଉରକେଲା ବିମାନ ବନ୍ଦରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଏୟାରଷ୍ଟ୍ରିପ ନିର୍ମାଣ ଓ ଟର୍ମିନାଲ କୋଠା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଡିଜିସିଏ ମଧ୍ୟ ଅନୁଧ୍ୟାନ କରିସାରିଛନ୍ତି । ଖୁବଶୀଘ୍ର ଆବଶ୍ୟକୀୟ ଲାଇସେନ୍ସ ମିଳିବ ବୋଲି ସେ ଆଶା କରୁଛନ୍ତି ।ଉଡାଣ ଯୋଜନାରେ ଖେଳାଳିମାନଙ୍କ ପାଇଁ ୪ଟି ବିମାନ ଉଡାଣ ସୁବିଧା ମିଳିବ । ପ୍ରାଥମିକ ପର୍ଯ୍ୟାୟରେ 'ଏଲାଏନ୍ସ ଏୟାର' ଏୟାରଲାଇନ ଉଡାଣ ଯୋଜନାରେ ବିମାନ ସେବା ଯୋଗାଇ ଦେବ । ଏହାବ୍ୟତୀତ ଖେଳାଳିଙ୍କୁ




ଭୁବନେଶ୍ୱରରୁ ରାଉରକେଲା ନେବା-ଆଣିବା ପାଇଁ ମଧ୍ୟ ଚାର୍ଟର ବିମାନକୁ ବୁକିଂ କରାଯାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ଗୋଟିଏ ବର୍ଷ ମଧ୍ୟରେ ଏଭଳି ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ କରଯାଇଛି । ଏଥିପାଇଁ ରାଜ୍ୟ ସରକାରଙ୍କୁ ସମସ୍ତ ସହଯୋଗ ପ୍ରଦାନ କରିଥିବାରୁ ସୁନ୍ଦରଗଡ ଓ ରାଉରକେଲାବାସୀଙ୍କୁ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଓ ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ ଧନ୍ୟବାଦ ଜଣାଇଛନ୍ତି ।ରାଉରାକେଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ୍ ମ୍ୟାଚ୍ ହେବାକୁ ଯାଉଛି । ତେଣୁ ହକି ମ୍ୟାଚ୍ ଦେଖିବା ଲାଗି ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଦର୍ଶକ ରାଉରକେଲା ଆସିବେ । ସେମାନଙ୍କ ଗାଡିଗୁଡିକୁ ସୁବିଧାରେ ରଖିବା ପାଇଁ ଷ୍ଟାଡିୟମ ଚାରିପଟେ ଆଧୁନିକ ପାର୍କିଂ ସ୍ଥଳ କରାଯାଇଛି । ଷ୍ଟାଡିୟମ ଭିତରେ ପାନୀୟ ଜଳ ଓ ଶୌଚାଳୟ ଆଦି ସୁବିଧା ସହ ଏଲଇଡି ଲଗାଇବାର ବ୍ୟବସ୍ଥା ହୋଇଛି ।ଆଜିର ଏହି ପରିଦର୍ଶନ ଓ ସମୀକ୍ଷାବେଳେ ଫାଇଭ-ଟି ସଚିବ ଭିକେ ପାଣ୍ଡିଆନ, କ୍ରୀଡା ସଚିବ ଆର.ଭିନିଲକ୍ରିଷ୍ଣା, ଇଡକୋ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭିଲ ଓ ରାଉରକେଲା ମହାନଗର ନିଗମ କମିଶନର ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଉଠାଦୋକାନୀ ସଂଘ ପକ୍ଷରୁ ବିଏମସି ଅଫିସ୍ ଘେରାଉ

ଭୁବନେଶ୍ୱର, ୧୯।୧୨(ପି.ଏନ): ବିଶ୍ୱ ହକି କପ ଖେଳକୁ ଆଖି ଆଗରେ ରଖି ବିଏମ୍‌ସି ତରଫରୁ ଯେଉଁଭଳି ଭାବରେ ଉଠାଦୋକାନୀମାନଙ୍କୁ ଦୀର୍ଘ ୧୦ ଦିନ ଧରି ବେରୋଜଗାର କରିଦେଇଛି, ତାର ପ୍ରତିବାଦରେ ଏଆଇସିସିଟିୟୁ ସହ ନିବନ୍ଧିତ ଉତର ଭୁବନେଶ୍ୱର ଉଠାଦୋକାନୀ ସଂଘ ପକ୍ଷରୁ କଳ୍ପନା ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ୨୦୦ରୁ ଅଧିକ ଉଠାଦୋକାନୀ ଭାଗ ନେଇ ହକି ଖେଳ ନାମରେ ଆମ ପେଟକୁ ନାତ ମାରନି, ତୁରନ୍ତ ଭେଣ୍ଡିଂଜୋନ ନିର୍ମାଣ କର, ଜୀବନ ଜୀବିକା ଓ ଆମର ସାମାଜିକ ସୁରକ୍ଷା ସୁରକ୍ଷିତ କର, ସୁପ୍ରିମକୋର୍ଟ ଆଦେଶକୁ ପାଳନ କର ଆଦି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ। ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା କିହଥିଲେ ଯେ, ସମ୍ବିଧାନର ଧାରା ୨୧କୁ ବିଏମ୍‌ସି ଖୋଲାଖୋଲି ଉଲଙ୍ଘନ କରି ଶହ ଶହ ଲୋକଙ୍କୁ ବୋରଜଗାର କରିବା ଏକ ମାନବିକ ଅଧିକାରର ଉଲଙ୍ଘନ ଓ ରାଜ୍ୟ ସରକାର ଉଠାଦୋକାନୀ ଷ୍ଟ୍ରିଟ ଭେଣ୍ଡର ଆଇନକୁ ନ ମାନିବା ଏକ ଲଜ୍ଜାଜନକ ବିଷୟ। ଏହି ଅବସରରେ ଏକ ୪ଜଣିଆ ପ୍ରତିନିଧି ମଣ୍ଡଳୀ ବିଏମ୍‌ସି କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କମିଶନରଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭକୁ ବନ୍ଦ କରାଯାଇଥିଲା।

# ଲିଜ୍ ରେ ଦିଆଯିବ ଭୁବନେଶ୍ୱର ସମେତ ଦେଶର ୨୫ଟି ବିମାନ ବନ୍ଦର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯।୧୨(ପି.ଏନ): – ନ୍ୟାସନାଲ ମନିଟାଇଜେସନ୍ ପାଇପଲାଇନ (ଏମ୍ଏନ୍‌ପି) ଅନୁଯାୟୀ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ (ଏଏଆଇ) ୨୫ଟି ବିମାନ ବନ୍ଦର, ଯଥା - ଭୁବନେଶ୍ୱର, ବାରଣାସୀ, ଅମୃତସର, ତ୍ରିଚି, ଇନ୍ଦୋର, ରାୟପୁର, କାଲିକଟ, କୋଏମ୍ବାଟୁର, ନାଗପୁର, ପାଟନା, ମଦୁରାଇ, ସୁରଟ, ରାଂଚି, ଯୋଧପୁର, ଚେନ୍ନାଇ, ବିଜୟୱାଡା , ଭଦୋଦରା, ଭୋପାଳ, ତିରୁପତି, ହୁବଳି, ଇମ୍ଫାଲ, ଅଗରତାଲା, ଉଦୟପୁର, ଡେରାଡୁନ୍ ଏବଂ ରାଜମହେନ୍ଦ୍ରି ବିମାନ ବନ୍ଦରକୁ ୨୦୨୨ ରୁ ୨୦୨୫ ମଧ୍ୟରେ ଲିଜ୍ ଆକାରରେ ଦେବା ପାଇଁ ନିର୍ଦ୍ଧାରିତ କରିଛନ୍ତି ।କାର୍ଯ୍ୟ, ପରିଚାଳନା ଏବଂ ବିକାଶ ପାଇଁ ଏଏଆଇ ଏହାର ଆଠଟି ବିମାନବନ୍ଦରକୁ ସରକାରୀ ଘରୋଇ ଭାଗୀଦାରୀତା (ପିପିପି) ଆଧାରରେ ଦୀର୍ଘକାଳୀନ ଭିତିରେ ଲିଜ୍ ଆକାରରେ ଦେଇସାରିଛି । ଏଗୁଡିକ ହେଲା ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର, ଦିଲ୍ଲୀ - ମେସର୍ସ ଦିଲ୍ଲୀ ଆନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଡିଆଇଏଏଲ୍) , ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦର, ମୁମ୍ବାଇ - ମେସର୍ସ ମୁମ୍ବାଇ ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଏମ୍ଆଇଏଏଲ୍), ଚୌଧୁରୀ ଚରଣ ସିଂହ ଅନ୍ତର୍ଜାତୀୟ ବିମାନ ବନ୍ଦର, ଲକ୍ଷ୍ନୌ - ମେସର୍ସ ଲକ୍ଷ୍ନୌ ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଏଲ୍ଆଇଏଏଲ୍) ,ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନ ବନ୍ଦର, ଅହମ୍ମଦାବାଦ - ମେସର୍ସ ଅହମ୍ମଦାବାଦ ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଏଆଇଏଏଲ୍) , ମାଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନ ବନ୍ଦର - ମେସର୍ସ ମାଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଏମ୍ଏଆଇଏଏଲ୍) ,ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦର - ମେସର୍ସ ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଜେଆଇଏଏଲ୍) , ଲୋକପ୍ରିୟ ଗୋପୀନାଥ ବରଦୋଲାଇ ଅନ୍ତର୍ଜାତୀୟ ବିମାନ ବନ୍ଦର, ଗୌହାଟୀ - ମେସର୍ସ ଗୌହାଟୀ ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଜିଆଇଏଏଲ୍) ଏବଂ ଥିରୁବନ୍ତପୁରମ୍ ଅନ୍ତର୍ଜାତୀୟ ବିମାନ ବନ୍ଦର – ମେସର୍ସ ଟିଆରବି - କେରଳ ଅନ୍ତର୍ଜାତୀୟ ବିମାନ ବନ୍ଦର ଲିମିଟେଡ୍ (ଟିଆଇଏଏଲ୍) ।ବେସରକାରୀ କ୍ଷେତ୍ରର ଦକ୍ଷତା ଏବଂ ବିନିଯୋଗକୁ ବ୍ୟବହାର କରି ସେଗୁଡିକର ଉତମ ପରିଚାଳନା ପାଇଁ ଏଏଆଇ ବିମାନ ବନ୍ଦର ଗୁଡିକୁ ଜନସାଧାରଣଙ୍କ ସ୍ୱାର୍ଥରେ ଲିଜ୍ ଆକାରରେ ଦିଆ ଯାଇଥାଏ । ଯାତ୍ରୀମାନେ ସରକାରୀ ଘରୋଇ ଭାଗୀଦାରୀ ଅନୁଯାୟୀ ଲିଜ୍ ଆକାରରେ ବିମାନ ବନ୍ଦରର ସଂଚାଳନ, ପରିଚାଳନା ଏବଂ ବିକାଶ କରୁଥିବା ଘରୋଇ ଭାଗୀଦାର ମାନଙ୍କ ଦ୍ୱାରା ନିର୍ମିତ ବିମାନ ବନ୍ଦରର ଭିତ୍ତିଭୂମି ସଂରଚନା ଏବଂ ସୁବିଧା ଗୁଡିକର ଅନ୍ତିମ ଲାଭାର୍ଥୀ ଅଟନ୍ତି । ବିମାନ ବନ୍ଦର ଗୁଡିକ ଅର୍ଥନୈତିକ କାର୍ଯ୍ୟକଳାପ ଗୁଡିକର କେନ୍ଦ୍ର ଭାବରେ ଉଭା ହୋଇଛି ଏବଂ ରାଜ୍ୟର ଅର୍ଥ ବ୍ୟବସ୍ଥା ଉପରେ ଏହାର ବହୁତ ପ୍ରଭାବ ରହିଛି । ଏଏଆଇ ଦ୍ୱାରା ଲିଜ୍ ଦିଆ ଯାଇଥିବା ବିମାନ ବନ୍ଦର ଗୁଡିକରୁ ପ୍ରାପ୍ତ ରାଜସ୍ୱ ମଧ୍ୟ ଦେଶର ବିମାନ ବନ୍ଦର ଭିତିଭୂମି ବିକାଶରେ ଉପଯୋଗ ହୋଇଥାଏ ।

# ରାଉରକେଲା ହକି ଷ୍ଟାଡିୟମ, ବିମାନ ବନ୍ଦର ଭିତିଭୂମି ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ : ବିମାନ ସେବା ଖୁବଶୀଘ୍ର

ଭୁବନେଶ୍ୱର,୧୯।୧୨(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନ ରାଉରକେଲା ଗସ୍ତରେ ଆସି ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହିତ ରାଉରକେଲା ବିମାନ ବନ୍ଦର ଏବଂ ବିଭିନ୍ନ ଭିତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହି ସଚିବସ୍ତରୀୟ ଟିମରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ସଚିବ ଆର୍ ଭିନିଲକ୍ରୀଷ୍ଣା ଏବଂ ଇଡକୋର ପରିଚାଳନା ନିର୍ଦ୍ଦେଶକ ଭୁପେନ୍ଦ୍ର ସିଂ ପୁନିଆ ମଧ୍ୟ ରାଉରକେଲା ଆସିଥିଲେ।ଏହି ଟିମ୍ ରାଉରକେଲାରେ ବିପିୟୁଟି କ୍ୟାମ୍ପସରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଅନୁଧ୍ୟାନ କରିଥିଲେ। ଉଭୟ ମୁଖ୍ୟ ଓ ଅଭ୍ୟାସ ପଡିଆର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଷ୍ଟାଡିଅମର ଦୁଇଟି ଯାକ ପିଚ୍ ଓ ହାଇମାସ୍କ ଲାଇଟ ଯାଂଚ ପରେ ଖେଳ ପାଇଁ ଲାଇସେନ୍‌ସ ମିଳିଛି । ଉଲେଖନୀୟ ଯେ, ପୁରୁଷ ହକି ବିଶ୍ୱକପର ୨୦ଟି ମ୍ୟାଚ ରାଉଲକେଲାରେ ଖେଳାଯିବ। ପ୍ରଥମ ମ୍ୟାଚ ଆସନ୍ତା ଜାନୁୟାରୀ ୧୩ ତାରିଖରେ ଭାରତ ଓ ସ୍ପେନ ମଧ୍ୟରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ଆସନ୍ତା ୨୪ ତାରିଖରୁ ତିନୋଟି ଅଭ୍ୟାସ ମ୍ୟାଚ ଖେଳାଯିବ । ଏହି ଅଭ୍ୟାସ ମ୍ୟାଚ ସମୟରେ ଯଦି କିଛି ତ୍ରୁଟିଥିବା ନେଇ ଜଣାପଡେ ତେବେ ଭିତିଭୂମିକୁ ଦୃଢ଼ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ଏହାସହ ରାଉରକେଲା ବିମାନ ବନ୍ଦରର କାର୍ଯ୍ୟଶେଷ ହୋଇଛି ଏବଂ ଖୁବଶୀଘ୍ର ଆବଶ୍ୟକୀୟ ଲାଇସେନ୍ସ ମିଳିବା ନେଇ ଶ୍ରୀ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି । ଉଡାଣ ଯୋଜନାରେ ଖେଳାଳି ମାନଙ୍କ ପାଇଁ ୪ଟି ବିମାନ ଉଡାଣ ସୁବିଧା ମିଳିବ। ଗୋଟିଏ ବର୍ଷ ମଧ୍ୟରେ ଏଭଳି ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ କରାଯାଇଛି। ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ ସମସ୍ତ ସହଯୋଗ ପ୍ରଦାନ କରିଥିବାରୁ ସୁନ୍ଦରଗଡ ଓ ରାଉଲକେଲା ବାସୀଙ୍କୁ ମୁଖ୍ୟଶାସନ ସଚିବ ଓ ୫-ଟି ସଚିବ ଧନ୍ୟବାଦ ଦେଇଛନ୍ତି । ରାଉରକେଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ ହେବାକୁ ଯାଉଛି। ତେଣୁ ହକି ମ୍ୟାଚ ଦେଖିବା ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଦର୍ଶକ ରାଉରକେଲାକୁ ଆସିବେ। ଦର୍ଶକମାନଙ୍କ ଗାଡ଼ିଗୁଡ଼ିକୁ ସୁବିଧାରେ ରଖିବା ପାଇଁ ଷ୍ଟାଡିୟମ ଚାରିପଟେ ଆଧୁନିକ ପାର୍କିଂ ସ୍ଥଳ କରାଯାଉଛି। ଷ୍ଟାଡିୟମ ଭିତରେ ପାନୀୟ ଜଳ ଏବଂ ଶୌଚାଳୟ ଆଦି ସୁବିଧା କରାଯାଉଛି। ଯେଉଁ ଦର୍ଶକମାନେ ଷ୍ଟାଡିୟମ ବାହାରେ ରହିଥିବେ ସେମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଏଲଇଡି ଲଗାଇବାର ବ୍ୟବସ୍ଥା କରାଯାଉଛି।ଏହି ଗସ୍ତ ସମୟରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ସହିତ ଜିଲ୍ଲା ପ୍ରଶାସନ ଏବଂ ରାଉରକେଲା ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଯୋଗ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ୨୦୨୩ ପୁରୁଷ ହକି ବିଶ୍ୱକପ ଓଡ଼ିଶାରେ ଖେଳାଯିବ। ଏହି ବିଶ୍ୱକପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସହିତ ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହେବାକୁ ଯାଉଛି। ଏହି କ୍ରୀଡ଼ା ଭିତିଭୂମି ଭାରତର ସବୁଠୁ ବଡ଼ ହକି ଷ୍ଟାଡିୟମର ରୂପ ନେବାକୁ ଯାଉଛି। ଏହି ଷ୍ଟାଡିୟମରେ ଏକାସାଙ୍ଗରେ ୨୦ ହଜାରରୁ ଅଧିକ ଦର୍ଶକ ବସି ଖେଳ ଉପଭୋଗ କରିପାରିବେ।

# ୫ ଦିନ ଖୋଜିଲା ପୁଲିସ୍, ପାଇଲାନି; ହଠାତ୍ ସାମ୍ନାକୁ ଆସିଲେ ଅମ୍ରିତ

ଖୋର୍ଦ୍ଧା ,୧୯।୧୨(ପି.ଏନ): ଚାଲିଥିଲା ଅପରେସନ୍ ଅମ୍ରିତ ପାତ୍ର ଉଦ୍ଧାର। ଲାଗିଥିଲେ ନୟାଗଡ ଜିଲ୍ଲା ୧୨ ପୁଲିସ୍ କର୍ମଚାରୀ ଓ ସନ୍ଧାନୀ କୁକୁର। ୫୦୦ କିଲୋମିଟର ଭିତରେ ଘୂରି ବୁଲିଲା ପୁଲିସ୍। ହେଲେ ଅମ୍ରିତଙ୍କ ପତ୍ତା ପାଇଲା ନାହିଁ। ୫ ଦିନ ପରେ ହଠାତ୍ ସାମ୍ନାକୁ ଆସିଲେ ଅମ୍ରିତ। ନିଜ ଘରଠାରୁ କେଇ ମିଟର ଦୂରରେ ବନ୍ଦୀ ଅବସ୍ଥାରେ ଥିଲେ ଅମ୍ରିତ। ତେବେ କିଏ କାହିଁକି ତାଙ୍କୁ ବନ୍ଦୀ କରି ରଖିଥିଲା, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ। ଶୁଣିବାକୁ ମିଳୁଛି ଟଙ୍କା ପାଇଁ ଅମ୍ରିତଙ୍କୁ ଅପହରଣ କରାଯାଇଥିଲା। ନୟାଗଡ ପୁଲିସ୍ ? ଏହି ଘଟଣାର ତଦନ୍ତ ଚଳାଇଛି ।ଓଡ଼ଗାଁ ଥାନା କୁରାଳ ପଞ୍ଚାୟତ ସୁବୁଦ୍ଧି ସାହିର କାଳିଆ ପାତ୍ରଙ୍କ ୧୨ ବର୍ଷର ପୁଅ ହେଉଛନ୍ତି ଅମ୍ରିତ ପାତ୍ର। ଡିସେମ୍ବର ୧୫ ତାରିଖରେ ସେ ଟ୍ୟୁସନ୍ ? ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ବେଳେ ସେ ଟ୍ୟୁସନ୍ ?ରୁ ସାଇକେଲ୍‌ରେ ଘରକୁ ଫେରୁଥିଲେ। ଅଧା ରାସ୍ତାରୁ କେଉଁ ଆଡ ନିଖୋଜ ହୋଇଯାଇଥିଲେ। ପୁଅ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାରରେ ଭୟର ବାତାବରଣ ଖେଳି ଯାଇଥିଲା। ଅମ୍ରିନ୍‌ଙ୍କୁ ଚାରିଆଡ ଖୋଜିଥିଲେ ମଧ୍ୟ ପାଇନଥିଲେ।ଅମ୍ରିତ୍‌ଙ୍କୁ ନପାଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅମ୍ରିତଙ୍କୁ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା ଜିଲ୍ଲା ପୁଲିସ୍। ୫ ଦିନ ଧରି ଚାଲିଥିବା ଅପରେସନ୍। ଆଉ ଏହି ଅପରେସନ୍‌ରେ ନିୟୋଜିତ ହେଲେ ୧୨ ପୁଲିସ୍ କର୍ମଚାରୀ। ପ୍ରାୟ ୫୦୦ କିଲୋମିଟର ବ୍ୟାପି ଚାଲିଥିଲା ସର୍ଚ୍ଚ ଅପରେସନ୍। ଡଗ୍ ସ୍କ୍ୱାର୍ଡ ମଧ୍ୟ ଅମ୍ରିତଙ୍କୁ ଖୋଜି ଥିଲା। ହେଲେ କେହି ତାଙ୍କ ପତ୍ତା ପାଇଥିଲେ ନାହିଁ ।ଶେଷରେ



ରହସ୍ୟ ଜନକ ଭାବେ ଉଦ୍ଧାର ହେଲେ ଅମ୍ରିତ। ଆଜି ସକାଳ ପ୍ରାୟ ୮ଟା। ପଣ୍ଡିତସାହି ପାଖରେ ଥିବା ଏକ ଘର ସାମ୍ନାକୁ ଟ୍ୟାପରୁ ପାଣି ଆଣିବାକୁ ଯାଇଥିଲେ କାବେରୀ ଦୋରା। ଠିକ୍ ସେହି ସମୟରେ ସେ ଶୁଣିବାକୁ ପାଇଲେ ନିରୀହ ଅମ୍ରିତ ପାତ୍ରର ଡାକ। କାବେରୀ ଦୋରା ଅନାଇଲା ବେଳକୁ ଅମ୍ରିତ ଘର ଭିତରେ ବନ୍ଦ ଅବସ୍ଥାରେ ଥିଲେ। ଗ୍ରୀଲ ଆର ପାର୍ଶ୍ୱରୁ ତାଙ୍କୁ ଦେଖି ସେ ଗାଁ ଲୋକଙ୍କୁ ଡାକିଥିଲେ। ସମସ୍ତେ ସେଠାକୁ ଆସି ଅମ୍ରିତଙ୍କୁ ଉଦ୍ଧାର କରିଥିଲେ। ପୁଅ ବିହୁନେ ଅନବରତ ଲୁହ ଝରାଉଥିଲେ ମା, ବାପା, ଜେଜେ ବାପା ଓ ପରିବାର ହଜିଲା ପୁଅକୁ ପାଇବା ପରେ ଖୁସିରେ ବିଭୋର ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଏନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ବଳ ଥିବା ଅମ୍ରିତଙ୍କୁ ନୟାଗଡ଼ ମେଡ଼ିକାଲକୁ ନେଇଥିଲେ। ଚିକିତ୍ସା ପରେ ଅମ୍ରିତକୁ ଚାଇଲଡ ଲାଇନ୍ ?କୁ ହସ୍ତାନ୍ତର କରିଛି ପୁଲିସ୍। ତାଙ୍କୁ ଅପହରଣ କରାଯାଇଥିବା ଚର୍ଚ୍ଚା ହେଉଛି ।ତେବେ ଏଠି ପ୍ରଶ୍ନ ଉଠୁଛି ଅମ୍ରିତଙ୍କୁ କିଏ ଅପହରଣ କରିଥିଲା ? ପୁଲିସର ସୂଚନା ଅନୁସାରେ, ଅମ୍ରିତଙ୍କୁ ୩ ମୁଖାପିନ୍ଧା ଦୁର୍ବୃତ୍ତ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବସାଇ ନେଇ ଯାଇଥିଲେ। ତା'ପରେ ତାଙ୍କ ଆଖିରେ ପଟି ବାନ୍ଧି ଦେଇଥିଲେ। ଦୁର୍ବୃତ୍ତମାନେ ଅମ୍ରିତଙ୍କୁ ଧରି କୁରାଳ ଆଖପାଖ ଅଞ୍ଚଳରେ ଘୁରି ବୁଲିଥିଲେ। ଧମକ ଚମକ ମଧ୍ୟ ଦେଉଥିଲେ। କିଛି ସମୟ ପରେ ସଟରର ଖୋଲା ଶବ୍ଦ ଶୁଣିଥିଲେ ଅମ୍ରିତ। ତା'ହାରି ଭିତରେ ଛାଡ଼ିଦେଇଥିଲେ ଅମ୍ରିତଙ୍କୁ। ସେହି ଘରେ ଅମ୍ରିତଙ୍କୁ ରଖିବା ସହ ଖାଇବାକୁ ଦେଉଥିଲେ ପକୋଡ଼ି, ବିସ୍କୁଟ୍ ଓ ପାଣି। ୫ ଦିନ କାଳ ସେହି ଗୋଟିଏ ଘରେ ଛାଡ଼ି ଦେଇଥିଲେ ।ଅମ୍ରିତ ବନ୍ଦୀ ଥିବା ଘରଟି କାହାର। ଆଜି ଅମ୍ରିତ ଉଦ୍ଧାର ହୋଇଥିବା ଘର ମାଲିକ ପଞ୍ଜାବରେ ରୁହନ୍ତି। ସେ ଏହି ଘରକୁ ଭଡା ସୂତ୍ରରେ ଦେଇଛନ୍ତି। ତେଣୁ ଘରଟି ଅନେକ ସମୟରେ ପ୍ରାୟତଃ ଖୋଲା ରହିଥାଏ। ଜଣେ ବ୍ୟକ୍ତି ଏହାକୁ ଗୋଦାମ ଭାବେ ବ୍ୟବହାର କରୁଛନ୍ତି। ଚର୍ଚ୍ଚା ହେଉଛି, ଅମ୍ରିତଙ୍କ ବାପାଙ୍କଠୁ ଟଙ୍କା ଆଦାୟ ଆଶାରେ ୩ ଜଣ ଦୁର୍ବୃତ୍ତ କରିଥିଲେ ଅପହରଣ। ଅମ୍ରିତଙ୍କୁ ପୁଲିସ ଚାଇଲଡ୍‌ଲାଇନ୍‌କୁ ହସ୍ତାନ୍ତର କରିଛି। ଚାଇଲଡ ଲାଇନ ଅମ୍ରିତଠୁ ସବୁ ତଥ୍ୟ କାଢ଼ିବ ।ତେଣେ ଅମ୍ରିତ ଉଦ୍ଧାର ହୋଇଥିବା ଘରର ୨ଜଣ କେୟାର ଟେକରଙ୍କୁ ଥାନାକୁ ଆଣି ପୁଲିସ ପଚରାଉଚରା କରୁଛି।

# ମଣ୍ଡିର ଅବ୍ୟବସ୍ଥା ନେଇ ବିଜେପିର ରଣହୁଙ୍କାର

ଭୁବନେଶ୍ୱର, ୧୯।୧୨(ପି.ଏନ): ରାଜ୍ୟରେ ମଣ୍ଡି ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇବ ରାଜ୍ୟ ବିଜେପି । ବିଜେପି ତରଫରୁ ଆସନ୍ତା ୨୧ତାରିଖ ଦିନ ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ । ସେହିପରି ଆସନ୍ତା ୨୨ ରୁ ୨୮ତାରିଖ ପର୍ଯ୍ୟନ୍ତ ବିଜେପି କାର୍ଯ୍ୟକର୍ତାମାନେ ରାଜ୍ୟର ବିଭିନ୍ନ ଅଂଚଳ ମଣ୍ଡି ପରିଦର୍ଶନ କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ନ୍ୟାର୍ଯ୍ୟ ହକ୍ ଏବଂ ଧାର୍ଯ୍ୟ ଦର ନପାଇ ଚାଷୀମାନେ ଅମଳ ପରେ ଶସ୍ୟକୁ ରାସ୍ତାରେ ରଖି ଆନ୍ଦୋଳନ କରୁଛନ୍ତି। ଟୋକନ୍, କଟନୀ-ଛଟନୀ, ସୁତୁଲି-ଅଖା, ଦଲାଲୀରାଜ୍ ଆଦି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଚାଷୀଟି ନିରୁପାୟ ହୋଇ ଆର୍ଥିକ ଶୋଷଣର ଶିକାର ହେଉଛି । ନିଜ ନୈତିକ ଦାୟୀତ୍ୱ ନତୁଲାଇ ରାଜ୍ୟ ସରକାର ମିଲରଙ୍କ ପାଖରେ ବନ୍ଧା ପଡିଛନ୍ତି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାର ୧୫ଦିନ ବିଳମ୍ବରେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଲେ। ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା ଲାଗି ତରବରିଆ ଭାବେ ବରଗଡ ଜିଲ୍ଲାରେ ମଣ୍ଡି ଖୋଲି ରାଜନୈତିକ ଚାଲ୍ ଖେଳିଥିଲେ। ଉପକୂଳ ଓଡ଼ିଶାରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲା ଯାଇନାହିଁ। ଡିସେମ୍ବର ୧ରେ ମଣ୍ଡି ଖୋଲିବା କଥା କିନ୍ତୁ ଏଯାଏଁ ଖୋଲିନାହିଁ। ଧାନ କିଣି ସଂଗ୍ରହ କରି ରଖିବା ପାଇଁ ରାଜ୍ୟ ସରକାରଙ୍କ କିଛି ଯୋଜନା ନାହିଁ। ମଣ୍ଡି ଖୋଲିବା ବିଳମ୍ବ ହେବାରୁ ପଶ୍ଚିମ ଓଡ଼ିଶା ଚାଷୀ ଛତିଶଗଡ ଓ ଉପକୂଳ ଓଡ଼ିଶା ଚାଷୀ ଆନ୍ଧ୍ରପ୍ରଦେଶକୁ ବାଧ୍ୟ ହୋଇ କ୍ୱିଂଟାଲ ପ୍ରତି ମାତ୍ର ୧୨୫୦ଟଙ୍କାରେ ବିକ୍ରି କରୁଛନ୍ତି ।ବିଳମ୍ବ କରି ଦଲାଲମାନଙ୍କୁ କମ୍ ଦରରେ ଧାନ ବିକ୍ରି କରିବାକୁ ଚାଷୀଙ୍କୁ ବାଧ୍ୟ କରୁଛନ୍ତି ରାଜ୍ୟ ସରକାର। କୃଷକ ରେଜିଷ୍ଟ୍ରେସନର ଅନିୟମିତତା ବନ୍ଦ କରାଯାଉ। ଟୋକନ ନାଁରେ ସରକାରୀ ପ୍ରଯୋଜିତ ଭ୍ରଷ୍ଟାଚାର ଓ ଚାଷୀମାରଣ ଯୋଜନା ବନ୍ଦ କରାଯାଉ। ସର୍ବୋଚ୍ଚ ସୀମାକୁ ୬୦ କ୍ୱିଂଟାଲରେ ସିଲିଂ କରାନଯାଉ। କଟନୀ-ଛଟନୀକୁ ବେଆଇନ ଘୋଷଣା କରାଯାଉ। ଧାନ କ୍ୱିଂଟାଲ ପ୍ରତି ୨୦୪୦ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟକୁ ସୁନିଶ୍ଚିତ କରାଯାଉ । ଏମ୍‌ଏସପି ପାଇଁ ପ୍ରତି ଜିଲ୍ଲାରେ ଓ ବ୍ଲକରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ଏବଂ ଚାଷୀଙ୍କୁ ଏମଏସପି ପାଇବାରେ ଅବହେଳା କରୁଥିବା ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ। ଅଣଜଳସେଚିତ ଜମିରେ ଏକର ପ୍ରତି ୨୨ କ୍ୱିଂଟାଲ ଓ ଜଳସେଚନ ଜମିରେ ଏକର ପ୍ରତି ୨୮କ୍ୱିଂଟାଲ ଧାନ ସଂଗ୍ରହର ଲିମିଟ୍ କରାଯାଉ। ବସ୍ତା ଓ ସୁତୁଲୀର ପଇସା ଚାଷୀଙ୍କୁ ଦିଆଯାଉ। ମିଲରପ୍ରୀତିକୁ ରାଜ୍ୟ ସରକାର ବନ୍ଦ କରନ୍ତୁ। ବରଗଡଠାରେ ମୁଖ୍ୟମନ୍ତ୍ରୀ ୨୦୧୬ରେ ଘୋଷଣା କରିଥିବା କ୍ୱିଂଟାଲ ପିଛା ୧୦୦ ଟଙ୍କା ବୋନସ ତୁରନ୍ତ ଚଳିତ ସିଜନ୍‌ରୁ ଚାଷୀଙ୍କୁ ଦିଆଯାଉ ବୋଲି ଦଳ ଦାବି କରିଛି ।ସେହିପରି ସେଂଟ୍ରାଲ ଟୋକନ ବ୍ୟବସ୍ଥାର ବ୍ୟାପକ ଚଂଚକତା କରାଯାଉଛି। ବଲାଙ୍ଗିର ଜିଲ୍ଲାର ଜଣେ ଚାଷୀଙ୍କ ପାଖକୁ ମାତ୍ର ୦.୦୦୧ ଏକର ଜମି ପଂଜୀକୃତ ହୋଇଥିବାର ସୁଚନା ଯାଇଛି ଏବଂ ଏହି ସୂଚନା ଆଧାରରେ ଚାଷୀ ଜଣକ ମାତ୍ର ୧.୩୦୦ କେଜି ଧାନ ବିକ୍ରି କରିପାରିବ ଯାହାର ମୂଲ୍ୟ ମାତ୍ର ୨୬.୫୨ ଟଙ୍କା ଅଟେ । ଏ ସଂପର୍କରେ ଚାଷୀଜଣକ ଯୋଗାଣ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କୁ ଜଣାଅ ବୋଲି କହିଥିଲେ । ଗୋଟିଏ ଚାଷୀ ୬୦କ୍ୱିଂଟାଲରୁ ଅଧିକ ଧାନ ବିକ୍ରି କରିପାରିବ ନାହିଁ ବୋଲି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ତାହେଲେ ଅଧିକ ଅମଳ କରୁଥିବା ଚାଷୀମାନେ କଣ କରିବେ ? ଚାଷୀଙ୍କୁ ନ୍ୟାୟ ଦେବା ପାଇଁ ଦାବୀ କରି ବିଜେପି ତରଫରୁ ଆସନ୍ତା ୨୧ତାରିଖ ଦିନ ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ । ସେହିପରି ଆସନ୍ତା ୨୨ ରୁ ୨୮ତାରିଖ ପର୍ଯ୍ୟନ୍ତ ବିଜେପି କାର୍ଯ୍ୟକର୍ତାମାନେ ରାଜ୍ୟର ବିଭିନ୍ନ ଅଂଚଳ ମଣ୍ଡି ପରିଦର୍ଶନ କରିବେ। ରାଜ୍ୟ ସରକାର ଚାଷୀକୁଳ ହିତ ପାଇଁ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ ନକରିଲେ ପରବର୍ତୀ ପଦକ୍ଷପେ ସ୍ୱରୁପ ବଡ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।ପ୍ରତିବର୍ଷ 'ରିକଣ୍ଟିଂ ରୋଗ' ଭଳି ମଣ୍ଡିର ଅବ୍ୟବସ୍ଥା ଓଡ଼ିଶା ପ୍ରଦେଶରେ ବ୍ୟାପକ ଭାବେ ବଢିଚାଲିଛି । ଓଡ଼ିଶାରେ ଚାଷୀର କଷ୍ଟ ବର୍ଣ୍ଣନା କରିବା ଅସମ୍ଭବ। ଯଦି ଓଡ଼ିଶାରେ କେହି ଅବହେଳିତ ହେଉଛନ୍ତି ସେ ହେଉଛି ଚାଷୀ। ରାଜ୍ୟ ସରକାର ବଧିର ପାଲଟି ଯାଇଛନ୍ତି। ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ୧% ସମବେଦନା ନାହିଁ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।ଏହି ଅବସରରେ ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ପୂର୍ବତନ ରାଜ୍ୟ କୃଷକ ମେର୍ଚ୍ଚା ରାଜ୍ୟ ସଭାପତି ତଥା ବଲାଙ୍ଗୀର ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱକପ୍ ହକି ପାଇଁ ୫୦୦୦ ଉଠାଦୋକାନୀ ପରିବାର ଜୀବିକା ହରାଇ ଏବେ ରାଜରାସ୍ତାରେ

ଭୁବନେଶ୍ୱର, ୧୯।୧୨(ପି.ଏନ): ଜାନୁୟାରୀ ମାସ ଦ୍ୱିତୀୟ ସପ୍ତାହରେ ହେବାକୁ ଥିବା ବିଶ୍ୱକପ୍ ହକି ଖେଳ ପାଇଁ ରାଜଧାନୀ ଭୁବନେଶ୍ୱରକୁ ସୌନ୍ଦର୍ଯ୍ୟକରଣ କରିବା ନାମରେ ପାଖାପାଖି ୫୦୦୦ ଉଠାଦୋକାନୀ ପରିବାର ଉପାସରେ ରହିବେ। ଏଠାରେ ସୂଚନାଥାଉକି ଏହି ଉଠାଦୋକାନୀମାନେ ଜୀବିକା ପାଇଁ ରାସ୍ତାକଡ଼ରେ ବସି ଛୋଟମୋଟ ବେପାର କରି ସେମାନଙ୍କର ଗୁଜୁରାଣ ମେ ।ଇବା ସହ ନିଜର ପିଲାମାନଙ୍କୁ ବିଭିନ୍ନ ସ୍କୁଲ୍‌ରେ ପାଠ ପଢାଇଥାନ୍ତି। ସେମାନଙ୍କ ବାପାଙ୍କର ଦୋକାନ ଭାଙ୍ଗିଯିବା ଫଳରେ ବର୍ତମାନ ପିଲାମାନେ ଅସହାୟ ହୋଇପଡ଼ିବା ସହିତ ସ୍କୁଲ୍ ଗୁଡ଼ିକରେ ସ୍କୁଲ୍ ଫିସ୍ ଦେବା ପାଇଁ ସେମାନଙ୍କ ବାପ ମାଆଙ୍କ ପାଖରେ ଅର୍ଥର ଅଭାବ ଦେଖା ଦେଇଛି। ଦୋକାନ ଉଚ୍ଛେଦ ପରେ ଏବେ ପରିବାର ଏକ ପ୍ରକାର ଆର୍ଥିକ ଅନଟନ ଦେଇ ଗତି କରୁଛି। ଏତଦ୍‌ବ୍ୟତୀତ ବାପା ମାଆଙ୍କ ପାଖରେ ରୋଜଗାର ନଥିବାରୁ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ଭବିଷ୍ୟତରେ ଜୀବିକା ହରାଇଥିବା ବ୍ୟକ୍ତିମାନେ ଚୋରି, ଟାଉଟର, ଛିନତାଇ କରିବାକୁ ପଛାଇବେ ନାହିଁ। ସେଥିପାଇଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ଘଟେ, ରାଜ୍ୟ ସରକାର, ବିଡ଼ିଏ, ବିଏମ୍‌ସି, ପୋଲିସ୍, ଜିଏ ଅଧିକାରୀମାନେ ଦାୟୀ ରହିବେ ।ସୋମବାର ଦିନ କାନନ ବିହାର ଅ ଳରେ ଉଚ୍ଛେଦ ଚାଲିଥିବା ସମୟରେ ବହୁ ମହିଳା, ପୁରୁଷ ହାତରେ ବ୍ୟାନର ଧରି ଖେଳ ନୁହେଁ ଭାତ ଚାହୁଁ, ସ୍ମାର୍ଟ ସିଟି ନୁହେଁ ରୁଟି ଚାହୁଁ, ଖେଳ ନାମରେ ଗରିବ ମାରଣ ନୀତି ଚଳିବ ନାହିଁ, ଖେଳ ନାମରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସମ୍ବିଧାନ ଆଇନକୁ ଅଣଦେଖା କରିବା ଚଳିବ ନାହିଁ ଆଦି ସ୍ଲୋଗାନ ଦେଇ ରାସ୍ତାରେ ବିକ୍ଷୋଭ କରିଥିଲେ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଲ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ୬ ଜାନୁୟାରୀରୁ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ

ଗଞ୍ଜାମ, (ପି.ଏନ): ଦକ୍ଷିଣ ଓଡିଶା ନାଟକ ମହୋତ୍ସବରେ ଜଗାବଳିଆ କଲଚରାଲ୍ ଏକାଡେମୀ, ବ୍ରହ୍ମପୁର ପ୍ରଯୋଜିତ ଚିନ୍ମୟ ରଞ୍ଜନ ମିଶ୍ରଙ୍କ ରଚିତ 'ଅନ୍ଧାରର ଆର୍ତନାଦ' ନାଟକର ଶୁଭ ମୁହୁରତ୍ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ଡ୍ରାମା ଲଭର କୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନା ସହ ଅଜିତ କୁମାର ପାଢ଼ୀଙ୍କ ସଙ୍ଗୀତ ସଂଯୋଜନାରେ ଏହି ନାଟକ ଆଗାମୀ ୯ ଜାନୁୟାରୀରେ ପ୍ରକାଶମ ହଲ ଠାରେ ମଂଚସ୍ଥ ହେବାକୁ ଯାଉଛି। ଏହି ସଭାରେ ପ୍ରଶାନ୍ତ ପ୍ରତିନିଧି, ସହଯୋଗୀ ନିର୍ଦ୍ଦେଶକ ଶିଶିର କୁମାର ଶତପଥୀ, ସୁଦର୍ଶନ ମହାପାତ୍ର, ସୁବ୍ରତ ବିଷୋୟୀ, ବିଶ୍ୱନାଥ ମହାପାତ୍ର, ପ୍ରତିମା ଶତପଥୀ, ନୀଳାଚଳ ମହାରଣାଙ୍କ ଭଳି ଅନେକ କଳାକାର ଉପସ୍ଥିତ ଥିଲେ। ଶେଷରେ ଯୁବ ଉପସ୍ଥାପକ ରାଇରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲା ମଂଚ କଳାକାର ସମ୍ମିଳନୀ ଆନୁକୂଲ୍ୟରେ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଆଗାମୀ ୬ ଜାନୁୟାରୀରୁ ୧୩ ଜାନୁୟାରୀ ୨୦୨୩ ସାତ ଦିନ ବ୍ୟାପୀ ପ୍ରକାଶମ ହଲ, ବ୍ରହ୍ମପୁର ଠାରେ ଆୟୋଜିତ ହେବାକୁ ଯାଉଛି। ଏଥିରେ ଜିଲ୍ଲା ଏବଂ ରାଜ୍ୟର ବଛା ବଛା ନାଟ୍ୟ ଅନୁଷ୍ଠାନ ନାଟକ ପରିବେଷଣ କରିବେ। ନାଟକଟି ଦର୍ଶକୀୟ ଆଦୃତ ଲାଭ କରିବା ସହ ମହୋତ୍ସବରେ ସଫଳତା ପାଇବ ବୋଲି ଆଶା କରାଯାଉଛି।

## ଆଦର୍ଶ ପଡାରେ ଅଣ ସଂକ୍ରାମକ ରୋଗ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, (ପି.ଏନ): ଆଦର୍ଶ ପଡା ସମାଜ ଗୃହ ଠାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲି (ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ସଂଯୋଜିତ) ତରଫରୁ ଏକ ଅଣ ସଂକ୍ରାମକ ରୋଗ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ମାଗଣାରେ ଔଷଧ, ରକ୍ତ ପରୀକ୍ଷା ଓ ଡାକ୍ତର ପରାମର୍ଶ ଇତ୍ୟାଦି ସେବା ଯୋଗାଇ ଦିଆଯାଇଥିଲା। ଏଥିରେ ୧୭୦ ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକ ସ୍ୱାସ୍ଥ୍ୟସେବା ଲାଭ କରିଥିଲେ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, "ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର, ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ସପ୍ସ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ବାର୍ଷିକ କ୍ରୀଡ଼ାରେ ଅଘଟଣ : ଛାତ୍ରଙ୍କ ବେକରେ ପଶିଗଲା ଜାଭେଲିନ୍ : ମେଡିକାଲରେ ସଫଳ ଅସ୍ତ୍ରୋପଚାର ପରେ ବାହାରିଲା

ବଲାଙ୍ଗିର, (ପି.ଏନ):ବଲାଙ୍ଗୀର ଜିଲା ଆଗଲପୁର ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଚାଲିଥିବା ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଆଜି ଜଣେ ଛାତ୍ରଙ୍କ ବେକରେ କ୍ରୀଡା ସମୟରେ ଜାଭେଲିନ ପଶିଯିବା ଫଳରେ ସେ ଗୁରୁତର ହୋଇପଡ଼ିଛନ୍ତି। ସମ୍ପୃକ୍ତ ଛାତ୍ର ହେଲେ ଆଗଲପୁର ବାଳକ ହାଇସ୍କୁଲ ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେର। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆଗଲପୁରରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତି କରାଯାଇଛି।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଁଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




## —ନିଆଳି-ମାଧବ—
# ଶ୍ରୀଜଗନ୍ନାଥଙ୍କ ମାମୁଁଘର






ଆମ ସମସ୍ତଙ୍କ ପାଇଁ କେନ୍ଦ୍ର ଓ ଶ୍ରଦ୍ଧା ଆବେଗର ଜାଣି ନାହାଁନ୍ତି ମହାପ୍ରଭୁ ମାଧବାନନ୍ଦ ଜୀଉଙ୍କ ଭାବେ ପରିଚିତ କଟକ ମାଧବାନନ୍ଦ ଜୀୟୁଙ୍କ ପକ୍ଷ ଅଷ୍ଟମୀ ତିଥିରେ ପୂର୍ବରୁ ପୋଡୁଆଁ ଭାର ମାମୁଁଘର ବଡ଼ ଆକର୍ଷଣୀୟ କ୍ଷେତ୍ର। ତେବେ ଅନେକ ହୁଏତ ଶ୍ରୀଜଗନ୍ନାଥଙ୍କ ମାମୁଁଘର ହେଉଛି ମନ୍ଦିର। ଶ୍ରୀଜଗନ୍ନାଥଙ୍କ ମାମୁଁଘର ଜିଲ୍ଲା ନିଆଳି ବ୍ଲକ ମାଧବ ସ୍ଥିତ ମନ୍ଦିର। ମାର୍ଗଶୀର ମାସ କୃଷ୍ଣ ମାଧବ ମନ୍ଦିରରୁ ଶ୍ରୀମନ୍ଦିରକୁ ଯାଉଥିଲା। କାଳକ୍ରମେ ଏହି ପ୍ରଥା ବନ୍ଦ ହୋଇ ଯାଇଥିବାବେଳେ ଏବେ କିଛିବର୍ଷ ଧରି ଶ୍ରୀମନ୍ଦିରକୁ ପୋଡୁଆଁ ଭାର ଯାଉଛି। ମୋଗଲମାନେ ଓଡ଼ିଶାକୁ ଆକ୍ରମଣ କରିବା ଯୋଗୁଁ ଶ୍ରୀଜଗନ୍ନାଥ ମହାପ୍ରଭୁ ବାରମ୍ବାର ଶ୍ରୀକ୍ଷେତ୍ର ମନ୍ଦିର ଛାଡ଼ିବାର କିମ୍ବଦନ୍ତୀ ରହିଛି। ସେଭଳି ସ୍ଥିତିରେ ମାଧବ ମନ୍ଦିରରୁ ପ୍ରଥମାଷ୍ଟମୀରେ ଜଗନ୍ନାଥଙ୍କ ପାଇଁ ଖଣ୍ଡୁଆ ଓ ପୂଜା ସାମଗ୍ରୀ ପଠାଇବା ସମ୍ଭବ ହେଉନଥିବାରୁ ତାହା କାଳକ୍ରମେ ବନ୍ଦ ହୋଇଯାଇଥିବା କୁହାଯାଏ। କିନ୍ତୁ ଇତିହାସ ତଥ୍ୟ ଆଧାରରେ ସେହି ବନ୍ଦ ପରମ୍ପରାକୁ ପୁନଃ ପ୍ରଚଳନ ପାଇଁ ମାଧବ ମନ୍ଦିର ସେବାୟତ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ ପ୍ରୟାସ ଆରମ୍ଭ କରିଛନ୍ତି। ୨୦୧୯ ଓ ୨୦୨୦ରେ ମାଧବ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପୋଡୁଆଁ ଭାର ଯାଇଥିଲା। ଏହି ପ୍ରାଚୀନ ନିଆଳି ମାଧବାନନ୍ଦ ଜୀୟୁ ମନ୍ଦିର କିନ୍ତୁ ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହି ଯାଇଛି। ଏକଦା ୨୩ ଶହ ଏକର ଭୂ-ସମ୍ପତ୍ତିର ମାଲିକ ଥିବା ମାଧବାନନ୍ଦ ଜୀୟୁ ଏବେ ତାଙ୍କ ଦୈନନ୍ଦିନ ନୀତି ପାଇଁ ଭକ୍ତଙ୍କ ଦାନକୁ ଅପେକ୍ଷା କରୁଛନ୍ତି। ପୁରୀ ମନ୍ଦିର ଶୈଳୀରେ ନିର୍ମିତ ଏହି ପ୍ରାଚୀନ ମନ୍ଦିରର କଳାକୃତିକୁ ରକ୍ଷଣାବେକ୍ଷଣା କରାଯାଉନଥିବାରୁ ଏହା ଧ୍ୱଂସାଭିମୁଖୀ ହୋଇଛି। ନିଆଳିଠାରୁ ଚାରିଛକ ରାସ୍ତାରେ ମାତ୍ର ୮ କିମି ଦୂର ଗଲେ ପଡ଼େ ମାଧବସ୍ଥିତ ମାଧବାନନ୍ଦ ଜୀୟୁ ମନ୍ଦିର। ମନ୍ଦିର ସେବା ପୂଜା ପାଇଁ ପ୍ରଥମେ ମନ୍ଦିରର ୨୩ଶହ ଏକର ଭୂସମ୍ପତ୍ତି ରହିଥିବା ବେଳେ ଏବେ ଏହା ୪୫୦ ଏକର ମଧ୍ୟରେ ସୀମିତ ରହିଛି। ସେଥିରୁ ବହୁ ଜମି ଜବର ଦଖଲରେ ରହିଛି। ଭକ୍ତକବି ଜୟଦେବ, ଶ୍ରୀଚୈତନ୍ୟ, କବିବର ରାଧାନାଥ ରାୟ ଓ ଆମେରିକୀୟ ପ୍ରତ୍ନତତ୍ତ୍ୱବିତ୍ ଗର୍ଲ୍ସ ଫବ୍ରିଙ୍କ ଗବେଷଣାତ୍ମକ ତଥ୍ୟରୁ ପୀଠ ବିଷୟରେ ବହୁ ତଥ୍ୟ ଜଣାଯାଏ। ୧୨୩୦ ଖ୍ରୀଷ୍ଟାବ୍ଦରେ ରାଜା ତୃତୀୟ ଅନଙ୍ଗ ଭୀମଦେବ ପୁରୀ ମନ୍ଦିର ଢ଼ାଞ୍ଚାରେ ଏହି ମନ୍ଦିର ନିର୍ମାଣ କରିଥିବା ମାଦଳା ପାଞ୍ଜିରୁ ଜଣାଯାଏ। ଏହି କ୍ଷେତ୍ରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଥିଲେ ବି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଚାର ପ୍ରସାର ପାଇଁ ସରକାର ଉଦ୍ୟମ କରିବାକୁ ଦାବି ହେଉଛି। ଆଜି ଆସନ୍ତୁ ନିଜ ମାମୁଁଘର ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଁ ଘରକୁ ସ୍ମରଣ କରି ତାଙ୍କ ପାଖରେ ଆମ ଭକ୍ତ ନୈବେଦ୍ୟ ସମର୍ପଣ କରିବା।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋଡରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# ଅଗ୍ନିପଥ ନିଯୁକ୍ତିକୁ ବିରୋଧ କରି ବଡଚଣା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ

ଚଣ୍ଡିଖୋଲ (ପି.ଏନ.)-ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟନାୟକଙ୍କ ଆହ୍ୱାନରେ ବଡଚଣା ନିର୍ବାଚନମଣ୍ଡଳୀ ଚଣ୍ଡିଖୋଲ ଛକ ବୁଦ୍ଧମୂର୍ତ୍ତି ନିକଟରେ ବଡଚଣା କଂଗ୍ରେସ କମିଟି ପକ୍ଷରୁ ୪ ବର୍ଷିଆ ଅଗ୍ନିପଥ ଠିକା ନିଯୁକ୍ତିକୁ ବିରୋଧ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ଉପସଭାପତି ପ୍ରଦୀପ କୁମାର ମହାନ୍ତି ସତ୍ୟାଗ୍ରହ ଉପଲକ୍ଷେ ଆୟୋଜିତ ସଭାକୁ ସଂଚାଳନ କରିଥିଲେ। ସତ୍ୟାଗ୍ରହରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ଯୁବକଙ୍କ ପାଇଁ ଯେଉଁ ଅଗ୍ନିପଥ ଯୋଜନା କରିଛନ୍ତି ତାକୁ କ୍ୟାପଟେନ ମହାପାତ୍ର ଦୃଢ଼ ଭାବେ ବିରୋଧ କରିଥିଲେ। କୃଷି ଆଇନକୁ କୃଷକମାନେ ପଞ୍ଜାବ ଓ ହରିୟାଣାରେ ଯେଉଁଭଳି ଭାବେ ବିରୋଧ କଲେ ମୋଦି ସରକାର ବାଧ୍ୟ ହୋଇ କୃଷି ଆଇନକୁ ପ୍ରତ୍ୟାହାର କଲେ, ସେହିପରି ଭାବେ ଆଗାମୀ ଦିନରେ ଆମେ କଂଗ୍ରେସ ତରଫରୁ ପ୍ରତି ୱାର୍ଡରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ନେଇ ଏହି ଅଗ୍ନିପଥ ବିରୋଧରେ ପ୍ରତିବାଦ କରିବୁ ବୋଲି ଶ୍ରୀ ମହାପାତ୍ର କହିଥିଲେ।.ବିଭିନ୍ନ ସମୟରେ ବଡଚଣା କଂଗ୍ରେସ କର୍ମୀଙ୍କ ଉପରେ ଅତ୍ୟାଚାର ହେଉଥିବା ଓ ଆଗାମୀ ଦିନରେ ଏହି ଅତ୍ୟାଚାରରେ ସୁଧାର ନଆସିଲେ ଅକ୍ଟୋବର ୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର କଂଗ୍ରେସ କର୍ମୀଙ୍କୁ ନେଇ ବିଶାଳ ଜନଆଦୋଳନ କରାଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ଉପସଭାପତି ବରଦା ପ୍ରସାଦ ରାଏ, ସମ୍ପାଦକ ଆଶୀଷ ଧଳ, ଛାତ୍ର କଂଗ୍ରେସ ସଭାପତି ସଂଜିବ୍ ସାମଲ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦିପ୍ ସାମଲ, ୧୯ ନ ଜୋନ ଜିଲା ପରିଷଦ ପ୍ରାର୍ଥୀ ଶ୍ରୀକାନ୍ତ ମଲିକ, ହୃଷିକେଶ ସାମଲ, ଜୀବନ ମହାପାତ୍ର, ଦୁଷ୍ମନ୍ତ ସାମଲ, ଜୟପ୍ରକାଶ ବିଶ୍ୱାଳ, ରବୀନ୍ଦ୍ର ସାମଲ, କୁଳମଣୀ ବାରିକ, କୁସୁମ ଦେହୁରୀ, ଧନେଶ୍ୱର ସାହୁ, ଉପେନ୍ଦ୍ର ବ୍ରହ୍ମ, ଧୂଳେଶ୍ୱର ରାଏ ଓ ସୀତାବତୀ ସାମଲ ପ୍ରମୁଖ ଏହି ସତ୍ୟାଗ୍ରହରେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଏହି ସତ୍ୟାଗ୍ରହରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ‘ଲାଗେ ପ୍ରେମ ନଜର’ ଶୁଭମୁକ୍ତି ଏଥର ବାହୁଡ଼ାରେ...

ଖୋର୍ଦ୍ଧା (ପିଏନ୍)-ଏଥର ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ାରେ ରିଲିଜ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚିତ୍ର ‘ଲାଗେ ପ୍ରେମ ନଜର’। ନିକଟରେ ଏହା ମ୍ୟୁଜିକ ରିଲିଜ୍ ହୋଇଯାଇଛି। ସିନେମାର କଳାକାର ଓ କ୍ରିଉକୁ ନେଇ ମ୍ୟୁଜିକ ରିଲିଜ୍ ହୋଇଥିବା ବେଳେ ବାହୁଡ଼ାରେ ଏହାର ଶୁଭମୁକ୍ତି ହେବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରିଛି। ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ନିର୍ମିତ ଏହି ସିନେମାରେ ନାୟକ ରହିଛନ୍ତି ଅମ୍ଲାନ ଓ ତାଙ୍କ ସହ ରିୟା, ପ୍ରିୟା, ରାଗିଣୀଙ୍କ ରୋମାନ୍ସ ଦେଖିବାକୁ ମିଳିବ। ବିବାହ ପରେ ଓଲିଉଡ଼ରୁ ଏକପ୍ରକାର ଦୂରେଇ ଯାଇଥିବା ଚୁଲବୁଲି ଅଭିନେତ୍ରୀ ପ୍ରିୟା ଚୌଧୁରୀ ଏହି ସିନେମାରେ କମବ୍ୟାକ୍ କରିଛନ୍ତି। ଅନେକ ଦିନ ପରେ ଅମ୍ଲାନଙ୍କ ସହ ରିୟାଙ୍କ ଅନସ୍କ୍ରିନ୍ ରୋମାନ୍ସ ଓଡ଼ିଆ ଦର୍ଶକଙ୍କୁ ମତୁଆଲା କରିବ ନିଶ୍ଚୟ। ସେହିଭଳି ବଙ୍ଗୀୟ ସୁନ୍ଦରୀ ରାଗିଣୀ ଅନ୍ୟତମ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବବି ମିଶ୍ର, ପପି ସନ୍ତୁକା, ଅମର, ବାପି, ରିପନ, ବିନୋଦ, ଅଜୟ ପ୍ରଧାନ, ଧାରାଶ୍ରୀ ପ୍ରମୁଖ ନଜର ଆସିଛନ୍ତି। ଖଗେଶ୍ୱର ଶେଜପଡ଼ାଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ପ୍ରଯୋଜନା ଭାର ବ୍ୟୋମକେଶ ତୁଲାଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଏସ ଦିଲିପ୍ ପଣ୍ଡା। କ୍ରିଏଟିଭ ହେଡ଼ଅଛନ୍ତି ପ୍ରଣୟ ଜେଠୀ। ଚଳଚିତ୍ରର ଟ୍ରେଲର ଅଧିକ ଲୋକପ୍ରିୟତା ହାସଲ କରିସାରିଛି ସମ୍ପୂର୍ଣ୍ଣ ଚଳଚିତ୍ର ଟି ନିଶ୍ଚୟ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥାର ସିଇଓ ରୂପାଲି ଦ୍ୱିବେଦୀ ଆଶାବାଦୀ। ବୈଦ୍ୟନାଥ ଦାସଙ୍କ ସିନେମାର ସଂଗୀତ ସଜାଇଥିବା ବେଳେ ହ୍ୟୁମାନ ସାଗର, କୁଳଦୀପ, ଗୌରବ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ଦିପ୍ତୀରେଖା ପାଢ଼ୀ ଓ ଅନନ୍ୟ ଶ୍ରୀତମ ନନ୍ଦ ପ୍ରମୁଖ କଣ୍ଠଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଚଳଚିତ୍ର ଲାଗେ ପ୍ରେମ ନଜରର ଗୀତ ଓ ଭିଡ଼ିଓ ଆମରା ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଚାରିତ ହୋଇ ଲୋକପ୍ରିୟତା ହାସଲ କରିସାରିଛି।

## ଭଗବାନପୁରରେ ନାଟକ ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ଭଗବାନପୁର ଗ୍ରାମରେ ଦୁଇଦିନିଆ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ରାତିରେ ମୁଁ ସେଇ ଭଦ୍ରକିଆ ଟୋକା ଓ ଦ୍ୱିତୀୟ ରାତିରେ ଅସତୀ ତୁଳସୀ ସତୀଚଉରା ନାଟକ ମଞ୍ଚସ୍ଥ ହୋଇଥିଲା। ଗ୍ରାମସ୍ଥିତ ମା' ତାରିଣୀ ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ପ୍ରମୋଦ ଜେନା ମୁଖ୍ୟଅତିଥି, ପତିତପାବନ ବଳସାମନ୍ତ ଓ ଗଣେଶ୍ୱର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ କୁମାର ମହାରଣାଙ୍କ ନିର୍ଦ୍ଦେଶନାରେ ପରିବେଷିତ ନାଟକଦ୍ୱୟରେ କଳାକାର ପ୍ରକାଶ ସାମଲ, ଅରୁଣ ସାମଲ, ଅମୀୟ ରାୟ, ଅମୂଲ୍ୟ ସାମଲ, ପଳାସ ଲେଙ୍କା, ବିକ୍ରମ ସାମଲ, ସଂଜୟ ରାୟ ପ୍ରମୁଖ ଅଭିନୟ କରିଥିଲେ। ମଳୟ ସାମଲ, ଜଗନ୍ନାଥ ସାମଲ, ମାନସ ସାମଲ ଓ ପ୍ରମୋଦ ସାମଲ ଏଥିରେ ସହଯୋଗ କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ ଖୁଣ୍ଟାବାଜବାଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ସାଇ ନେତ୍ରମନ୍ଦିର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବଳରାମ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେ ଡ. ଲକ୍ଷ୍ମୀପ୍ରିୟା ନାୟକ, ଜାହିରଉଦ୍ଦିନ୍ ଶାହା, ରୋହିତ କୁମାର ରାଉତ, ଲିପିକା ସେଠୀ, ମୁନା ରାଉତ ଓ ଗାୟତ୍ରୀ ରାଉତ ଯୋଗଦେଇ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଠାରେ ୨୦ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ରୋଗୀମାନଙ୍କୁ ମାଗଣା ଔଷଧ ଓ ଚଷମା ବିତରଣ କରାଯାଇଥିଲା। ସରପଞ୍ଚ ସବ୍ୟସାଚୀ ବେହେରା, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ନକୁଳ ଚନ୍ଦ୍ର ନାୟକ, ପରମାନନ୍ଦ ସେଠୀ ଓ ବସ' କୁମାର ନାୟକ ଯୋଗ ଦେଇଥିଲେ। ବାଜବାଟି ଗାଁ ଯୁବକମାନେ ଶିବିର ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନୀଳକଣ୍ଠ ମିଶ୍ରଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ



ଖୋର୍ଦ୍ଧା (ପିଏନ୍)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନୀଳକଣ୍ଠ ମିଶ୍ରଙ୍କ ୧୭ ତମ ଶ୍ରାଦ୍ଧବାର୍ଷିକୀ ସଂପୃକ୍ତ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଏ ନେଇ ସ୍ୱର୍ଗତଃଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସ୍ୱର୍ଗତଃଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଂଟନ ହୋଇଥିଲା। ଏଥିରେ ପରିଚାଳନା କମିଟିର ସଭାପତି ବଂଶୀଧର ପାଣିଗ୍ରାହୀ, ସହକାରୀ ଶିକ୍ଷକ ବିଜୟ କୁମାର ମହାପାତ୍ର, ନାରାୟଣ ମାନସିଂହ ଓ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ



ଭୁବନେଶ୍ୱର (ପିଏନ୍)- ନରେନ୍ଦ୍ର ମୋଦି ସରକାରର ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ସତ୍ୟାଗ୍ରହ ଆନ୍ଦୋଳନ ଭୁବନେଶ୍ୱର ସର୍କିଟ ହାଉସ ଛକରେ କରାଯାଇଥିଲା। ଏହି ସତ୍ୟାଗ୍ରହ ଦିନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ କରାଯାଇଥିଲା। କେନ୍ଦ୍ର ସରକାର ଭାରତବର୍ଷର ସେନାବାହିନୀକୁ ଦୁର୍ବଳ କରିଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ରଚନା କରିଛନ୍ତି, ତାହା ଅତ୍ୟନ୍ତ ଚିନ୍ତାଜନକ ଓ ସଂପୂର୍ଣ୍ଣ ଦେଶସ୍ୱାର୍ଥ ବିରୋଧରେ। ଓଡ଼ିଶାର ବହୁ ଗ୍ରାମାଂଚଳରେ ବହୁ ଯୁବକ ଯୁବତୀମାନେ ଜୀବନରେ ଏକ ସ୍ୱପ୍ନ ଦେଖିଥାନ୍ତି ଯେ ସେମାନେ କିପରି ସେନାବାହିନୀରେ ଯୋଗଦାନ କରି ଦେଶମାତୃକାର ସେବା କରିବେ ଏବଂ ଆବଶ୍ୟକ ପଡ଼ିଲେ ଦେଶ ପାଇଁ ଜୀବନ ଦେବେ। କିନ୍ତୁ ଅତି ଦୁର୍ଭାଗ୍ୟର କଥା ଅଗ୍ନିବୀରମାନଙ୍କୁ ମାତ୍ର ୪ ବର୍ଷ ପାଇଁ ନିଯୁକ୍ତି କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। ଏହି ନିଯୁକ୍ତି ଏକ ଠିକା ନିଯୁକ୍ତି ଅଟେ। ଯଦ୍ୱାରା ଭାରତବର୍ଷର ଯୁବକ ଯୁବତୀମାନଙ୍କର ଆଶା ଭାଙ୍ଗିପଡ଼ିବ ଏବଂ ସେମାନେ ମାନସିକ ସ୍ତରରେ ଜଣେ ବୀର ସୈନିକ ହିସାବରେ ପ୍ରସ୍ତୁତ ହୋଇପାରିବେ ନାହିଁ। ୪ ବର୍ଷ ପରେ ସେମାନଙ୍କ ମଧ୍ୟରୁ ୭୫ ଭାଗ ଲୋକଙ୍କୁ ନିଜ ନିଯୁକ୍ତି ହରାଇବାକୁ ପଡ଼ିବ। ଯଦି ଏତେ ପରିମାଣରେ ବୀର ସୈନିକମାନେ ନିଯୁକ୍ତି ହରାଇବେ ତାହାହେଲେ ସେମାନଙ୍କୁ କିଭଳି ଭାବରେ ଏବଂ କେଉଁ କ୍ଷେତ୍ରରେ ନିଯୁକ୍ତ କରାଯିବ। ଯେଉଁମାନେ ଦେଶପାଇଁ ବଳିଦାନ ଦେବେ ଯଦି ସେମାନଙ୍କ ଭବିଷ୍ୟତକୁ ଆମେ ସୁରକ୍ଷିତ ରଖିପାରିବା ନାହିଁ ତାହାହେଲେ ଦେଶର ଗତି କୁଆଡ଼େ। ଦେଶର ସୁରକ୍ଷାକାରୀଙ୍କୁ କାହିଁକି ଆଜି ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଉଛି। ଭାରତବର୍ଷର ସୈନିକମାନଙ୍କୁ ପେନସନ ଦେବାକୁ କଂଗ୍ରେସ ଆର୍ଥିକ ବୋଝ ବୋଲି କେବେ ବିଚାର କରେନାହିଁ।

ଏଭଳି ଏକ ତ୍ରୁଟିପୂର୍ଣ୍ଣ ତଥା ଷଡ଼ଯନ୍ତ୍ରପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ତୁରନ୍ତ ଦେଶ ଭିତରେ ଭାରତବର୍ଷର ଯୁବକ ଯୁବତୀମାନଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଦେଶର ସୈନ୍ୟବାହିନୀଙ୍କର ଭବିଷ୍ୟତକୁ ସ୍ଥିରନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହାକୁ ମୋଦି ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଜିଲ୍ଲା କଂଗ୍ରେସର ସଭାପତି ଶ୍ରୀ ଦାଶ ତଥା ବହୁ ନେତୃବର୍ଗ ମତ ପ୍ରକାଶ କରିଥିଲେ। ଏହି ସତ୍ୟାଗ୍ରହ ଆନ୍ଦୋଳନରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ରାଜୀବ ପଟ୍ଟନାୟକ, ସୁବ୍ରତ ମହାପାତ୍ର, ରଶ୍ମି ମହାପାତ୍ର, ମାନସ ଆଚାର୍ଯ୍ୟ, ଗୀତାଂଜଳି ମହାନ୍ତି, ରଜନୀ ମହାନ୍ତି, ଜାନକୀ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ଅଶୋକ ଦାସ, ମିହିର ଆଚାର୍ଯ୍ୟ, ଶ୍ରୀଧର ବଳିଆର ସିଂ, ଅନ୍‌ୱର ଖାନ, ଇନ୍ଦ୍ରଜିତ ପରିଡ଼ା, ସେକ୍ ଆଫତାବ ଅଲ୍ଲି, ବ୍ରହ୍ମାନନ୍ଦ ସାହୁ, ଦେବରାଜ ମିଶ୍ର, ଶ୍ରୀୟା ମହାନ୍ତି, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ଯୋଗୀନାଥ ବାହୁବଳେନ୍ଦ୍ର, ତରୁଣ ମିଶ୍ର, ଶତୃଘ୍ନ ବେହେରା, ଲୁଲୁ ଏହମ୍ମଦ, ମଂଟୁ ମଲ୍ଲିକ, ସୌମେନ୍ଦ୍ର ମହାନ୍ତି, ପୁଷ୍ପିତା ଦାଶ, ଚୈତାଳୀ ପଟ୍ଟନାୟକ, ଜୟଶ୍ରୀ ନନ୍ଦ, ମାନସ ସେଠୀ, ଶୁଭ୍ରଜ୍ୟୋତି ଲେଙ୍କା, ସୂର୍ଯ୍ୟକାନ୍ତ ଜେନା, ଶିବା ରେଡ଼ି, ଦେଓ ପ୍ରସାଦ, ଜ୍ୟୋତିଷ ସାହୁ, କୁଳମଣି ସାହୁ, ଲକ୍ଷ୍ମୀପ୍ରିୟା ଦାସ, ଅକ୍ଷୟ ମହାନ୍ତି, ମାମିନା ବେହେରା, ମିନତୀ ସାହୁ, ପ୍ରଭାତ ପ୍ରତାପସିଂ, ପ୍ରମୋଦ ପରିଡ଼ା, ଉମେଶ ଦାସ, ସଂଜୟ ପରିଡ଼ା, ଶଙ୍କର ନାୟକ, ଦୁଃଶାସନ ଦାସ, ସ୍ୱାଧୀନବାଳା ଦାସ, ମନୋଜ ସାହୁ, ରାଜୀବଲୋଚନ ଜେନା, ରାଜକିଶୋର ବାରିକ, ପ୍ରଦୀପ ମହାପାତ୍ର, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଗୀତାଜାଗରଣ ପରିଷଦ ଦ୍ୱାରା ପଣ୍ଡିତ ସ୍ୱର୍ଗତଃ କାହ୍ନୁ ଚରଣ କରଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳନ

ଯାଜପୁର (ପିଏନ୍): ଗୀତାଜାଗରଣ ପରିଷଦ ଦ୍ୱାରା ପଣ୍ଡିତ ସ୍ୱର୍ଗତଃ କାହ୍ନୁ ଚରଣ କରଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳନ, ଏକ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅକ୍ଷୟ କୁମାର ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସ୍ୱର୍ଗତ କାହ୍ନୁଚରଣ କରଙ୍କର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସେ ଥିଲେ ଜଣେ ସଂସ୍କୃତ ପଣ୍ଡିତ ଏକାଧାରରେ ପ୍ରାଧ୍ୟାପକ, ଜ୍ୟୋତିର୍ବିଦ୍ ଓ ଜଣେ ଚିକିତ୍ସକ, ସମାଜସେବୀ। ସମ୍ମାନିତ ଅତିଭାବେ ବରିଷ୍ଠ ଆଇଜୀବୀ ସମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ସ୍ୱର୍ଗତଃ କର ଥିଲେ ଆଦର୍ଶ ଛାତ୍ର ଗଠନ କ୍ଷେତ୍ରରେ ଦ୍ରୋଣାଚାର୍ଯ୍ୟ। ପରିଷଦର ସଭାପତି ଆଇନଜୀବୀ ପ୍ରତିମା କର ସଭାପତିତ୍ୱ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଜିର ଯୁବ ସମାଜ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ଆବଶ୍ୟକ କାରଣ ସାହିତ୍ୟ ସମାଜର ଦର୍ପଣ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ସ୍ତୋତ୍ରପାଠ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ ପ୍ରଭଞ୍ଜନ ପତି ଓ ବିଜୟଭୂଷଣ ନନ୍ଦଙ୍କୁ କାହ୍ନୁଚରଣ କର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର କବି ପ୍ରଭାତ କୁମାର ମଲ୍ଲିକ, ଜିତେନ୍ଦ୍ର କୁମାର ବେହେରା, ମନୋଜ କୁମାର ନାଥ, ବିଷ୍ଣୁ ଚରଣ ଦଳାଇ, କବିତା ମଂଚକୁ ପରିଚ୍ଛଳନା କରିଥିଲେ। ୫୦ରୁ ଉର୍ଦ୍ଧ୍ୱ କବି ଯୋଗ ଦେଇଥିଲେ। ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହସମ୍ପାଦକ ବୃନ୍ଦାବନ ମିଶ୍ର, ଅଖିଳ ମୋହନ ଦାସ ଅଭ୍ୟର୍ଥନା ଦାୟିତ୍ୱରେ ଥିବା ବେଳେ ବରିଷ୍ଠ ଉପଦେଷ୍ଟା ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ରେଜିଷ୍ଟ୍ରେସନ ଦାୟିତ୍ୱରେ କୋଷାଧ୍ୟକ୍ଷ ସୁବାସ ମହାପାତ୍ର ଓ ମିତା ଦାସ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ, ବୈଦ୍ୟନାଥ ପଣ୍ଡା, ଲକ୍ଷ୍ମୀପ୍ରିୟା ରାଉତରାୟ, ଅଧିକାରୀ ନବକିଶୋର ଦାସ, ନିରୁପମା ପଣ୍ଡା, ରାମଚନ୍ଦ୍ର ଦାସ, ରଂଜିତା ଦାସ, ପ୍ରେମଲତା ବେହୁରିଆ, ଅନୁରାଧା ମିଶ୍ର, ଅନୁସୟା ମିଶ୍ର, ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ଶଙ୍କର ସାହୁ, ସୁରଜ ପଣ୍ଡା, ଅନନ୍ୟାର ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର, ଗୁଣନିଧି ପାଣିଗ୍ରାହୀ, ଶ୍ୟାମସୁନ୍ଦର ପାଣିଗ୍ରାହୀ, ମହମ୍ମଦ୍ ସାଜିଦ୍, ହୃଷିକେଶ ପତି, ପାଗୁ ଦାସ, ବ୍ରଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରୂପାନ୍ତରିତ ବିଦ୍ୟାଳୟକୁ ଜମିପଟା ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ୫-ଟି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡା ଜିଲ୍ଲାର ୯୫ଟି ସ୍କୁଲର ରୂପାନ୍ତରଣ କରାଯାଇଛି। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥିମଧ୍ୟରୁ ୮୦ଟି ବିଦ୍ୟାଳୟକୁ ଜମିପଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାର ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିବା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସଂପୃକ୍ତ ସ୍କୁଲଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା,କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟ ଗୁଡିକୁ ଫୋକସ ସ୍କୁଲ ବା ସ୍ମାର୍ଟ ସ୍କୁଲରେ ପରିଣତ କରାଯିବା ସହ ତାହାର ଶୈକ୍ଷିକ ପରିବେଶର ବିକାଶ ସହ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଇ-ଲାବୋରେଟୋରୀ ଓ ଉନ୍ନତ ମାନର କ୍ରୀଡା ଭିତ୍ତିଭୂମୀ ପ୍ରଭୃତିର ବ୍ୟବସ୍ଥା କରାଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମଦ୍ରାସା ଆରବିୟା ତାଲିମୁଲ ଇସଲାମର ବାର୍ଷିକ କ୍ରୀଡାଉତ୍ସବ



କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ସହରର ବଡହାଟସ୍ଥିତ ମଦ୍ରାସା ଆରବିୟା ତାଲିମୁଲ ଇସଲାମର ୨୭ତମ ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ସଭାପତି ମୀର ହକିମୁଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିସୁଦ୍ଦିନ ଖାଁ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଇଛାପୁର କ୍ଲଷ୍ଟରର ସି.ଆର.ସି.ସି. ବିଭୁ ପ୍ରସାଦ ନାୟକ ଏବଂ କାଉନସିଲର ସେକ ଅସଲମ ଯୋଗଦେଇ ପତାକା ଦେଖାଇ ଉତ୍ସବର ଶୁଭାରମ୍ଭ କରିଥିଲେ। କ୍ରୀଡା ଶିକ୍ଷକ ସେକ ସୌକତ କ୍ରୀଡା ପ୍ରତିଯୋଗୀତା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସେକ ଜାହାଙ୍ଗିର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଦ୍ୟାଳୟର ସଭାପତି ମୀର ହକିମୁଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଜେଡି ଜିଲ୍ଲା ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ସକେ ଇନାୟତ(ଚନ୍ଦନ) ମୁଖ୍ୟ ଅତିଥି, କେଉଁଝର ଚମ୍ପୁଆସ୍ଥିତ ମହତାବ ହାଇସ୍କୁଲର ଶିକ୍ଷକ ଡଃ. ମୁର୍ଶିଦ ଉମ୍ରି ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମଦ୍ରାସାର ଉନ୍ନତି କାମନା କରିବା ସହ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସେକ ଜାହାଙ୍ଗିର ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରାପଡା କଲେଜ ଇଂରାଜୀ ବିଭାଗର ଆଲୁମିନି ମିଟ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗର ଆଲୁମିନି ମିଟ ବିଭାଗର ଶ୍ରେଣୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ୩୦ରୁ ଉର୍ଦ୍ଧ୍ୱ ପ୍ରାକ୍ତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ମେଜର ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ସହ ସଭାର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା ଯୋଗଦେଇ ସଭାର ପୁନଃଗଠନ ଓ କାର୍ଯ୍ୟାବଳୀ ବିଷୟରେ ମତ ରଖିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀମାନେ ସେମାନଙ୍କର ଅତୀତ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ପଦପଦବୀ ବିଷୟରେ ବର୍ଣ୍ଣନା କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ବିଭାଗର ସ୍ୱର୍ଗତ ଆତ୍ମାମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ନୂତନ କର୍ମକର୍ତ୍ତାମାନଙ୍କର ଚୟନ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟାପିକା ପ୍ରଭା ସାମନ୍ତରାୟ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଚ୍ୟୁତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଶୀବାଦୀ ବିଜେପିକୁ ହଟେଇବା ପାଇଁ ବାମପନ୍ଥୀ ଗଣତାନ୍ତ୍ରିକ ଶକ୍ତିକୁ ମଜବୁତ୍ କରିବା ପାଇଁ ସିପିଆଇର ଆହ୍ୱାନ

ଜୟପୁର, (ପି.ଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲାର ପରିବର୍ଦ୍ଧିତ ପରିଷଦ ବୈଠକ ରାମକୃଷ୍ଣ ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିଷଦ ବୈଠକରେ ସିପିଆଇ ଜାତୀୟ ପରିଷଦ ସଭ୍ୟ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶୀଷ କାନୁନଗୋ ପୁନର୍ବାର ସିପିଆଇରେ ଯୋଗଦେଇଥିବା ଶୁଶାନ୍ତ ଅଧିକାରୀଙ୍କୁ ଫୁଲ ମାଳ ଦେଇ ପାର୍ଟିକୁ ସ୍ୱାଗତ କରିଥିଲେ । ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ସ୍ୱାଗତ କରିବା ସହ ଜିଲ୍ଲା ସମ୍ପାଦକ ସଭ୍ୟ ପଦ ରସିଦ ଗ୍ରହଣ କରିଥିଲେ । ଶୁଶାନ୍ତ ଅଧିକାରୀ ନିଜ ରାଜନୈତିକ ଅନୁଭବ ପ୍ରକାଶ କରି ପାର୍ଟି ତାଙ୍କୁ ଗ୍ରହଣ କରିଥିବାରୁ ଆଭାର ପ୍ରକଟ କରିଥିଲେ । ବିଜୟୱାଡା ଠାରେ ଅନୁଷ୍ଠିତ ହୋଇଥିବା ସିପିଆଇର ମହା ଅଧିବେଶନରେ ପାର୍ଟି ର ରାଜନୈତିକ ଓ ସାଂଗଠନିକ ପ୍ରସ୍ତାବ ଉପରେ ଆଲୋଚନା କରି ଆଶୀଷ କାନୁନଗୋ କହିଥିଲେ ଯେ, ଦେଶରେ ମୋଦୀ ସରକାର ଶତକଡା ୩୭ ଭାଗ ଭୋଟ ପାଇ ସରକାର ଗଢି ଦେଶର ସମସ୍ତ ସମ୍ପଦକୁ ଘରୋଇ କମ୍ପାନୀ ମାନଙ୍କୁ ବିକ୍ରି କରି ଦେଶର ଅର୍ଥନୀତିକୁ ଧ୍ୱଂସାଭିମୁଖୀ କରିସାରିଲାଣି । ବେକାରୀ, ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ଦିଗରେ ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ଚାଲୁଥିବା କେନ୍ଦ୍ର ସରକାର ଦେଶର ସମ୍ବିଧାନରୁ ଧର୍ମନିରପେକ୍ଷତାକୁ ହଟାଇ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଉଦ୍ୟମ ଚଳାଇଛନ୍ତି । ଦେଶ ପୁନର୍ବାର ଭାଗ ଭାଗ ହେବାର ବିପଦ ସୃଷ୍ଟି ହେଲାଣି । ବିଜେପିକୁ ଦେଶର ଜନଗଣଙ୍କର ମୁଖ୍ୟ ଶତ୍ରୁ ଭାବେ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ମହାସମ୍ମିଳନୀ ଘୋଷଣା କରି ସାରିଛି । ଏହା ବିରୁଦ୍ଧରେ ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ମାନଙ୍କୁ ନେଇ ଏକ ବିକଳ୍ପ ଗଠନ ପାଇଁ ଆହ୍ୱାନ ଦିଆଯାଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିକୁ ମଜବୁତ୍ କରିବା ପାଇଁ ସଭ୍ୟ ସଂଗ୍ରହ ବୃଦ୍ଧି ସହ ଜନସାଧାରଣଙ୍କ ବଂଚିବାର ସକଳ ସମସ୍ୟା ନେଇ ଆନ୍ଦୋଳନ ବ୍ୟାପକ କରିବା ପାଇଁ କାର୍ଯ୍ୟକ୍ରମ ନିଆଯାଇଛି । ଆସନ୍ତା ଜାନୁଆରୀ ମାସ ତମାମ ସଭ୍ୟ ସଂଗ୍ରହ କରାଯିବା ସହ ସମସ୍ତ ଶାଖା ଓ ଜୋନ୍ ସମ୍ମିଳନୀ ମାନ କରିବା ପାଇଁ କାର୍ଯ୍ୟକ୍ରମ ନିଆଯାଇଛି । ସ୍ଥାନୀୟ ସମସ୍ୟା ମଧ୍ୟରେ ସେବା କାଗଜ କଳକୁ ପୁନଃ କାର୍ଯ୍ୟକ୍ଷମ କରାଇବା ଓ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ପାର୍ଟି ସବୁ ସ୍ତରରେ ଆନ୍ଦୋଳନ କରିବା ସହ ଆସନ୍ତା ଫେବୃୟାରୀ - ୨୧ରେ ଭୁବନେଶ୍ୱର ଠାରେ ଗଣ ସମାବେଶକୁ ସଫଳ କରିବା ପାଇଁ ସ୍ଥିର ହୋଇଛି । ଏହି ସମାବେଶ ସଫଳ କରିବା ଓ ପାର୍ଟି ପାଣ୍ଠି ଆଦାୟ ପାଇଁ ଡାକରା ଦିଆଯାଇଛି । ସିପିଆଇ କେନ୍ଦ୍ରରୁ ବିଜେପି ସରକାର ହଟେଇବା ପାଇଁ ଆହ୍ୱାନ ଦେବା ସହ ରାଜ୍ୟର ଜନବିରୋଧୀ ନବୀନ ପଟ୍ଟନାୟକଙ୍କ ସରକାର ବିରୁଦ୍ଧରେ ଓଡ଼ିଶା ବଂଚାଅ ଆନ୍ଦୋଳନକୁ ମଧ୍ୟ ବଳଶାଳୀ କରିବ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ପାର୍ଟି ର ସାଂଗଠନିକ ରିପୋର୍ଟ ପ୍ରଦାନ କରି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ ।ଆଜିର ପରିବର୍ଦ୍ଧିତ ପରିଷଦ ବୈଠକରେ ଜିଲ୍ଲାର ସହ ସମ୍ପାଦକ କୁମର ଜାନୀ, ମହିଳା କର୍ମୀ ସୁକାନ୍ତି ଗୌଡ, ଘନ ଗୌଡ , ବଳରାମ ନାୟକ, ବୈଦ୍ୟନାଥ ହରିଜନ,ସୁନିତା ନାଗ୍, ସତ୍ୟବ୍ରତ ନନ୍ଦ ବାରା ଜାନୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବ୍ରିସ୍କା ଅନୁଷ୍ଠାନର ୧୬ତମ ବାର୍ଷିକ ଉତ୍ସବ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଯାଦବ ଭବନ ଠାରେ ଯୁବ କଳାକାର ଜ୍ୟୋତି ରଂଜନ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରିସ୍କା ଅନୁଷ୍ଠାନ ର ୧୬ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଶୀନୁସୁନ୍ଦର ପାଢୀ, ପ୍ରଭାକର ମିଶ୍ର, ଦିଗାମ୍ବର ନାୟକ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ "କୋଭିଡ୍ ପରବର୍ତ୍ତୀ ଶିକ୍ଷା" ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ବ୍ରିସ୍କା ଶିକ୍ଷାନୁଷ୍ଠାନ ର ନିର୍ଦ୍ଦେଶିକା ସଂଗୀତା ଦାସଙ୍କ ଆନ୍ତରିକତା ତଥା କଠୋର ପରିଶ୍ରମ ଫଳରେ ଏହି ଅନୁଷ୍ଠାନ ବଲାଙ୍ଗିର ର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ରୂପେରେ, ତାସହ କଳା ସଂସ୍କୃତି କ୍ଷେତ୍ରରେ ସଂଜ୍ୟୋତ କଳା କେନ୍ଦ୍ର ପ୍ରତିଷ୍ଠା କରି ଅନେକ ସୁନାମ ଅର୍ଜନ କରିଥିବା ଅତିଥିମାନେ ଉଲ୍ଲେଖ କରିଥିଲେ । ଆଗାମୀ ପିଢି ପାଇଁ ଏକ ଅନୁଷ୍ଠାନ ଆହୁରି ଅନେକ ଦକ୍ଷ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରିବ ମୋର ବିଶ୍ୱାସ ବୋଲି ଅତିଥି ଶ୍ରୀ ପାଢୀ ବକ୍ତବ୍ୟ ରଖିଥିଲେ । ଆଲୋଚନା ଚକ୍ର ପରେ ଅନୁଷ୍ଠାନର ଛାତ୍ର ଛାତ୍ରୀ ଙ୍କୁ ନେଇ ଅନେକ ସାଂସ୍କୃତିକ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ସହ ଅନେକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପ୍ରଶଂସା ପତ୍ର ଦେଇଥିଲେ ଅତିଥି ।

# ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷକ: ଶିକ୍ଷା ଦାନ ଓ ପରୀକ୍ଷା ପରିଚାଳନାରେ ସମସ୍ୟା

ସାଲେପୁର ,(ପି.ଏନ): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବାଲିଆପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ପାଲଟିଛି । ବିଗତ ୬ ବର୍ଷ ହେବ ଏହି ବିଦ୍ୟାଳୟରେ ୨ଟି ଶିକ୍ଷକ ପଦବୀ ଖାଲି ରହିଥିଲା ବେଳେ ଗତ ଅକ୍ଟୋବର ମାସରେ ପ୍ରଧାନ ଶିକ୍ଷକ ଅବସର ନେବା ପରେ ବର୍ତ୍ତମାନ ମାତ୍ର ଜଣେ ଶିକ୍ଷକରେ ବିଦ୍ୟାଳୟ ଚାଲିଛି । ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଛାତ୍ର ଛାତ୍ରୀମାନଙ୍କୁ ଜଗି ରହିବା ସମ୍ଭବପର ହେଉନଥିଲା ବେଳେ ଶିକ୍ଷାଦାନ କରିବା ତାଙ୍କ ପାଇଁ କାଠିକର ପାଠ ହୋଇପଡିଛି । ଗତ ୧୩ ତାରିଖଠାରୁ ପରୀକ୍ଷା ଆରମ୍ଭ ହୋଇଥିଲା ବେଳେ ଜଣେ ଶିକ୍ଷକ ୫ଟି ଶ୍ରେଣୀରେ ପରୀକ୍ଷା ପରିଚାଳନା କରିବା ଏବଂ ପରୀକ୍ଷା ଖାତା ମୂଲ୍ୟାଙ୍କନ କରିବା ସମ୍ଭବପର ହେଉନାହିଁ । ଏହି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ଜେନା ସ୍ଥାନୀୟ ସିଆରସିସିଙ୍କଠାରୁ ଆରମ୍ଭ କରି ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ପର୍ଯ୍ୟନ୍ତ ୫ଥର କହିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନଥିବା ସେ ପ୍ରକାଶ କରିଛନ୍ତି । ଜଣେ ଶିକ୍ଷକ ବିଦ୍ୟାଳୟର ସମସ୍ତ କାଗଜପତ୍ର ପ୍ରସ୍ତୁତ କରିବା, ଶିକ୍ଷାଦାନ କରିବା, ମଧ୍ୟାହ୍ନ ଭୋଜନ ପରିଚାଳନା କରିବା ଓ ବର୍ତ୍ତମାନ ପରୀକ୍ଷା ପରୀଚାଳନା କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ ବୋଲି ସେ ପ୍ରକାଶ କରିବା ସହିତ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିବା ସେ କହିଛନ୍ତି । ବାଲିଆପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୧୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ, ତୃତୀୟ ଶ୍ରେଣୀରେ ୧୭ ଜଣ, ଚତୁର୍ଥ ଶ୍ରେଣୀରେ ୧୧ ଜଣ, ପଞ୍ଚମ ଶ୍ରେଣୀରେ ୨୩ ଜଣ ମୋଟ ୮୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ସରକାରୀ ନିୟମାନୁଯାୟୀ ଅତିକମ୍ରେ ଏହି ବିଦ୍ୟାଳୟରେ ତିନି ଜଣ ଶିକ୍ଷକ ନିଯୁକ୍ତି ହେବା କଥା । ହେଲେ ଦୀର୍ଘ ଦିନ ହେବ ଦୁଇ ଜଣ ଶିକ୍ଷକ ଏଠାରେ କାର୍ଯ୍ୟ କରୁଥିଲା ବେଳେ ପ୍ରଧାନଶିକ୍ଷକ ସୁନାକର ସେଠୀ ୩୧.୧୦.୨୦୨୨ ରିଖରେ ଅବସର ନେଇଥିଲେ ମଧ୍ୟ ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ । ଏହାଛଡା ବିଦ୍ୟାଳୟରେ ଶ୍ରେଣୀ ଗୃହ ୩ଟି ରହିବା ସହିତ ପରିସ୍ରାଗାର ଓ ପାନୀୟ ଜଳର ଏକ ପ୍ରକାର ସୁବିଧା ମଧ୍ୟ ରହିଛି । କେବଳ ଆଉ ଦୁଇ ଜଣ ଶିକ୍ଷକ ନିଯୁକ୍ତି ଦିଆଗଲେ ଶିକ୍ଷାଦାନରେ ସମସ୍ୟା ଉପୁଜିବ ନାହିଁ ବୋଲି ବର୍ତ୍ତମାନର ଶିକ୍ଷକ ଜୟରାମ ସେଠୀ ପ୍ରକାଶ କରିଛନ୍ତି ।

## କେନ୍ଦୁଝରରେ ଗୋଠଛଡା ଦନ୍ତା ହାତୀର ଆକ୍ରମଣରେ ଜଣେ ମୃତ

କେନ୍ଦୁଝର ,(ପି.ଏନ): କେନ୍ଦୁଝର ରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଏବେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ବଣୁଆ ହାତୀଙ୍କର ଉପଦ୍ରବ ବଢି ବଢି ଚାଲିଛି । ଯେଉଁଥିପାଇଁ ଅନେକ ସମୟରେ ମଣିଷ ଓ ହାତୀଙ୍କ ମଧ୍ୟରେ ଲଢେଇ ଜାରି ରହିଛି । ଏଥିରେ କେତେବେଳେ ହାତୀ ତ କେତେବେଳେ ମଣିଷଙ୍କର ଦୁଃଖଦ ମୃତ୍ୟୁ ହେଉଚି । ଇତି ମଧ୍ୟରେ କେନ୍ଦୁଝରରେ ଅନୁରୂପ ଏକ ଘଟଣା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲାର ସଦର ରେଞ୍ଜ ଅନ୍ତର୍ଗତ ବାରିଖଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲ କୁ ଏକ ଗୋଠ ଛଡା ଦନ୍ତା ହାତୀ ଚାଲି ଆସିଥିଲା । ଆଜି ସକାଳୁ ହଜାର ହଜାର ସଂଖ୍ୟକ ଲୋକ , ଯୁବକ ଦନ୍ତା ହାତୀକୁ ଦେଖିବାକୁ ରୁଣ୍ଡ ହୋଇଥିଲେ । ରୁଣ୍ଡ ହୋଇଥିବା ଲୋକମାନେ ହାତୀକୁ କେହି କାହାର ଗ୍ରାମକୁ ନପୁରାଇ ଦେବାକୁ ତା ଚାରିପଟେ ଜଗି ରହିଥିଲେ ।

# ପଦାରେ ପଡ଼ିଲା ଅବକାରୀ ବିଭାଗର ଗୁମର

ଜୟପୁର, (ପି.ଏନ): ପଦାରେ ପଡିଲା ଅବକାରୀ ବିଭାଗ ଓ ପୋଲିସର ଷଡଯନ୍ତ୍ର । ସିସିଟିଭି ଖୋଲି ଦେଲା ଏମାନଙ୍କ ଗୁମର । ଟାର୍ଗେଟ ପୂରଣ ପାଇଁ କିପରି ନିରୀହ ଲୋକକୁ ମଦ ବେପାରୀ ସଜେଇଥିଲା ପୋଲିସ ଓ ଅବକାରୀ ବିଭାଗ ଏହାର ସାଂଘାତିକ ସତ ସାମ୍ନାକୁ ଆସିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଂଚଳରୁ । ଜୁଝାରୀ ପଂଚାୟତ ଅନ୍ତର୍ଗତ ଲଦିଯୋଡି ଗାଁର ରଜନୀକାନ୍ତ ବିଷୋୟୀଙ୍କ ଘର ଭିତରକୁ ମଦ ଭର୍ତ୍ତି ରବର ଟ୍ୟୁବ ଫିଙ୍ଗି ମିଥ୍ୟା କେସରେ ତାଙ୍କୁ ଗିରଫ କରିଥିଲା ପୋଲିସ ଓ ଅବକାରୀ ବିଭାଗର ମିଳିତ ଟିମ ।ଆଉ ସିସିଟିଭିରେ ପୁରା ଘଟଣା ଧରା ପଡିବା ପରେ ରଜନୀକାନ୍ତଙ୍କୁ କ୍ଷମା ମାଗିବା ସହ ଛାଡି ଦେଇଛି ।ଅବକାରୀ ବିଭାଗ ରଚୁଛି ଷଡଯନ୍ତ୍ର । ସାହାଯ୍ୟ କରୁଛି ପୋଲିସ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟା କିନ୍ତୁ ସତ ।ଟାର୍ଗେଟ ପୂରଣ କରି ବାହାବାଃ ନେବା ଦେଖନ୍ତୁ କେମିତି ଭୟଙ୍କର ଷଡଯନ୍ତ୍ର ରଚି ଜଣେ ନିରୀହ ବ୍ୟକ୍ତିକୁ ଗିରଫ କରୁଛି ପୋଲିସ ଓ ଅବକାରୀ ବିଭାଗର ମିଳିତ ଟିମ ।ଏମାନଙ୍କ ଷଡଯନ୍ତ୍ରର ଗୁମର ଖୋଲି ଦେଇଛି ସିସିଟିଭି ।ଦେଖନ୍ତୁ ଏହି ଭିଡିଓ ।ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଜୁଝାରୀ ପଂଚାୟତର ଲେଦିଯୋଡି ଗାଁର ରଜନୀକାନ୍ତ ବିଷୋୟୀଙ୍କ ଘରର ।ଗାଁରେ ଚାଲିଛି ଚୋରା ଦେଶୀ ମଦ କାରବାର ରୋକିବାକୁ ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ । ଆଉ ଏଥିରେ ନିରୀହ ଲୋକଙ୍କୁ ଫସାଇ ଟାର୍ଗେଟ ପୂରଣ କରିବାକୁ ଚେଷ୍ଟା କରୁଛି ଏହି ଟିମ୍ । ଅବକାରୀ ବିଭାଗର ଏଏସଆଇ ଚନ୍ଦ୍ରଶେଖର ରେଡ୍ଡୀ ନିଜେ ମଦ ଭର୍ତ୍ତି ରବର ଟ୍ୟୁବ ରଜନୀକାନ୍ତ ବିଷୋୟୀଙ୍କ ଘର ଭିତରକୁ ଫିଙ୍ଗୁଛନ୍ତି ।ଆଉ ଏଥିରେ ସହାୟତା କରୁଛନ୍ତି ତାଙ୍କ ଟିମ ସଦସ୍ୟ ।କିଛି ସମୟ ପରେ ରଜନୀକାନ୍ତଙ୍କୁ ଚୋରା ମଦ କାରବାର ଅଭିଯୋଗରେ ଗିରଫ ବି କରାଗଲା ।ହେଲେ ଷଡଯନ୍ତ୍ର ରଚିଥିବା ବାବୁ ମାନେ ଜାଣିନଥିଲେ ଯେ ତାଙ୍କର ଏ ସବୁ କାରନାମା ସିସିଟିଭିରେ କଏଦ ହେଉଛି ।ଏହାକୁ ନେଇ ତୁମ୍ବି ତୋଫାନ ହେବା ପରେ ଶେଷରେ ଅବକାରୀ ଅଧିକାରୀ ରଜନୀକାନ୍ତଙ୍କୁ କ୍ଷମା ମାଗିବା ସହ ଛାଡି ଦେଇଛି ।ଚୋରା ଦେଶୀ ମଦ କାରବାର ରୋକିବାକୁ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଛି ମିଳିତ ଚଢାଉ ।ଏଥିପାଇଁ ସାଟେଲାଇଟ ଟିମ ମଧ୍ୟ ଗଠନ କରାଯାଇଛି ।ହେଲେ ଚଢ଼ାଉ ସମୟରେ ଅନେକ ମଦ ମାଫିଆ ଟିମକୁ ଚକମା ଦେଇ ଖସି ଯାଉଛନ୍ତି ।ତେଣୁ ଔଷଧ ବିକଳରେ ତାଟିଆ କାମୁଡିବା ନାଁରେ ଏବେ ନିରୀହ ଲୋକଙ୍କୁ ଫସାଇ ଟାର୍ଗେଟ ପୂରଣ କରିବାକୁ ଅବକାରୀ ବିଭାଗ ଅପଚେଷ୍ଟା କରୁଛି ।ଆଉ ଏପରି ଷଡଯନ୍ତ୍ର ମାନବାଧିକାରର ଉଲଂଘନ ।ଏପରି କ୍ଷେତ୍ରରେ ପୋଲିସ ଓ ଅବକାରୀ ବିଭାଗର ବିଶ୍ୱସିନୀୟତା ମଧ୍ୟ କମୁଛି ।ତେଣୁ ଘଟଣାର ତଦନ୍ତ କରିବା ସହ ଏହି ଘଟଣାରେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଭିଯୋଗକାରୀଙ୍କ ଓକିଲ ଏବଂ ସ୍ଥାନୀୟ ସମାଜସେବୀ ।ଘଟଣାକୁ ନେଇ ରାଜ୍ୟ ସରକାର ଓ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଫେରାଦ ହେବେ ବୋଲି ଚେତାବନୀ ବି ଦେଇଛନ୍ତି ।ନିରୀହ ଲୋକଙ୍କୁ ମଦବେପାରି ସଜେଇ ଜେଲ ପଠାଇବା ଅବକାରୀ ବିଭାଗ ର ଷଡଯନ୍ତ୍ର ଏବେ ସାମ୍ନା କୁ ଆସିଛି ।ସିସିଟିଭି ଭୁଡିଓ ଲାଗି ରଜନୀ କୁ ଛାଡିଦେଲେ ଅବକାରୀ କର୍ମଚାରୀ ।ଅବକାରୀ ବିଭାଗ ର କର୍ମଚାରୀ ଙ୍କ ବିରୋଧ ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉଛି ତାହାକୁ ହୀ ଅପେକ୍ଷା।

# ଖଲିଆପାଲି ସ୍କୁଲରେ ୫୦ତମ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ(ଡୁଡୁକା) ଅନ୍ତର୍ଗତ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ସାଲେଭଟା ଗ୍ରାମପଂଚାୟାତର ସରପଂଚ ତଥା ଆଗଲପୁର ବ୍ଲକ ସରପଂଚ ସଂଘର ସଭାପତି ବିଜୟ କୁମାର ବେହେରା ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଆଇନଜୀବି ତଥା ସମାଜସେବୀ ବିଜୟା କୁମାର ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍.ଟି. ଏସ୍. ସି କର୍ମଚାରୀ ସଂଘର ସଭାପତି ପ୍ରେମରାଜ ନିଆଲ ଏବଂ ବିଶିଷ୍ଟ ହାସ୍ୟ ଅଭିନେତା ବିନ୍ଦୁ ଯୋଗଦେଇଥିଲେ । ଶିକ୍ଷକ ଜ୍ୟୋତିର୍ମୟ ମିଶ୍ର ଅତିଥି ପରିଚୟ ଦେବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ୧୯୬୧ ମସିହାରେ ସ୍ଥାପିତ ହୋଇଥିବା ଏହି ଖଲିଆପାଲି ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଶୁଭ ଖମ୍ବ ସ୍ଥାପିତ ହୋଇଯାଇଛି । ଉପସ୍ଥିତ ଅତିଥି, ପୂରାତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ ବୃନ୍ଦ ଉକ୍ତ ସୁବର୍ଣ୍ଣ ଜୟନ୍ତୀ ପାଳନରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମତାମତ ଦେଇଛନ୍ତି ।ୱାର୍ଡସଭ୍ୟ ବିଘ୍ନେଶ୍ୱର କୁମ୍ଭାର, ଦେବଦତ ଭୋଇ, ସାଲେଭଟାର ପୂର୍ବତନ ୱାର୍ଡ ସଭ୍ୟ ବିପ୍ର ଷାଣ୍ଡ, ଶିକ୍ଷକ ଧିରେନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ପାଇକଚନ୍ଦନ, ସଂଗୀତା ସାହୁ, ପୂରାତନ ଛାତ୍ରୀ ଜୟ କୁମାରୀ ତାଣ୍ଡି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# କିଟ୍‌ରେ ପେଡିକ୍ରିଟିକନ୍ -୨୦୨୨ ଉଦ୍‌ଯାପିତ

## ସମସ୍ତ ହସ୍ପିଟାଲ୍ ଓ ମେଡିକାଲ୍ କଲେଜରେ ଶିଶୁରୋଗ ଆଇସିୟୁ ଖୋଲିବାକୁ ଆହ୍ୱାନ




ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ (ଆଇଏଏପି) ଇଣ୍ଟେନ୍‌ସିଭ୍‌ର ୨୪ତମ ଜାତୀୟ ସମ୍ମିଳନୀ ପେଡିକ୍ରିଟିକନ୍-୨୦୨୨ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯୋଗ ଦେଇଥିବା ଦେଶ ଓ ବିଦେଶର ଶିଶୁରୋଗ ବିଶେଷଜ୍ଞମାନେ ସମସ୍ତ ସରକାରୀ, ଘରୋଇ ଓ ମେଡିକାଲ୍ କଲେଜଗୁଡ଼ିକରେ ଶିଶୁରୋଗ ଆଇସିୟୁ ଖୋଲିବାକୁ ଆହ୍ୱାନ ଦେଇଥିଲେ। ଆଇଏଏପି ଓ କିମ୍‌ସ ସହଯୋଗରେ ଆୟୋଜିତ ଆଇଏଏପି-ଇଣ୍ଟେନ୍‌ସିଭ୍ କେୟାର ଓଡ଼ିଶା ଚାପ୍ଟର ଦ୍ୱାରା ପ୍ରଥମ ଥର ପାଇଁ ପୂର୍ବ ଭାରତ ତଥା ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଶାର ଶିଶୁରୋଗ ବିଶେଷଜ୍ଞମାନେ ଭାରତ ଓ ବିଭିନ୍ନ ଦେଶରୁ ଯୋଗ ଦେଇଥିବା ବିଶିଷ୍ଟ ଓ ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଏଥି ସହ ସେମାନେ ଶିଶୁରୋଗ ଚିକିତ୍ସା କ୍ଷେତ୍ରରେ ହୋଇଥିବା ବୈଜ୍ଞାନିକ ବିକାଶ ସମ୍ପର୍କରେ ଜାଣିବାକୁ ପାଇଥିଲେ, ଯାହାକି ସେମାନଙ୍କୁ ଓଡ଼ିଶାରେ ଶିଶୁରୋଗ ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ କରିବାରେ ସହାୟକ ହେବ। ଦେଶର ସମସ୍ତ ସରକାରୀ, ଘରୋଇ ହସ୍ପିଟାଲ୍ ସମେତ ସମସ୍ତ ମେଡିକାଲ୍ କଲେଜରେ ଶିଶୁରୋଗ ଆଇସିୟୁ ଖୋଲିବା ନିମନ୍ତେ ଉଭୟ ସରକାରୀ ଓ ଘରୋଇସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଆଇଏଏପିର ନବ ନବନିର୍ବାଚିତ ସଭାପତି ଡା. ଜି ଭି ବାସବରାଜ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରଙ୍କୁ ଭଗବାନ ଭାବେ ଅବିହିତ କରିଥିଲେ। ଏହି ଅବସରରେ ସେ କହିଥିଲେ, ଶିଶୁରୋଗ ବିଶେଷଜ୍ଞମାନେ ଭବିଷ୍ୟତ ପୀଢ଼ିର ଚିକିତ୍ସା କରୁଥିବା ବେଳେ ଆମେ କିସ୍‌ରେ ଜନଜାତି ଓ ସମାଜର ଅବହେଳିତ ଶିଶୁମାନଙ୍କର ଯତ୍ନ ନେବା ସହ ସେମାନଙ୍କୁ ଶିକ୍ଷା ମାଧ୍ୟମରେ ସଶକ୍ତ କରାଇ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଉଛୁ। କିଟ୍‌ର ରୌପ୍ୟ ଜୟନ୍ତୀ ପରିପେକ୍ଷୀରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିବାରୁ ଶ୍ରୀ ସାମନ୍ତ ସମ୍ମିଳନୀରେ ଯୋଗ ଦେଇଥିବା ସମସ୍ତ ଶିଶୁରୋଗ ବିଶେଜ୍ଞଙ୍କୁ ଧନ୍ୟବାଦ ଜଣାଇଥିଲେ। ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ ସମସ୍ତଙ୍କ ପାଇଁ ପହଞ୍ଚ ଓ ସୁଲଭ ରଖାଯାଇଥିଲା। ସମ୍ମିଳନୀ ସମ୍ପର୍କରେ ସୂଚନା ପ୍ରଦାନ କରି ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ଶିବବ୍ରତ ପଟ୍ଟନାୟକ କହିଥିଲେ, ଶିଶୁରୋଗର ଅଧିକ ଉନ୍ନତ ମାନର ଚିକିତ୍ସା ନିମନ୍ତେ ଶିଶୁରୋଗ ବିଶେଷଜ୍ଞଙ୍କୁ ଅତ୍ୟାଧୁନିକ ଜ୍ଞାନ କୌଶଳ ସହ ପରିଚିତ କରାଇବା ଏବଂ ଶିଶୁରୋଗୀଙ୍କ ତ୍ୱରିତ ଓ ଉନ୍ନତ ଚିକିତ୍ସା ପାଇଁ ଜିଲ୍ଲାସ୍ତରରେ ଶିଶୁରୋଗ ଆଇସିୟୁର ଗୁରୁତ୍ୱ ଦେଇ ସରକାରୀ ଓ ଘରୋଇ ହସ୍ପିଟାଲ ଓ ମେଡିକାଲ୍ କଲେଜ କର୍ତ୍ତୃପକ୍ଷଙ୍କୁ ସଚେତନ କରାଇବା ହେଉଛି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହା ଛଡ଼ା ସମାଜର ସବୁବର୍ଗର ଲୋକଙ୍କୁ ସୁହାଇଲା ଭଳି କିଭଳି ସୁଲଭ ମୂଲ୍ୟରେ ଚିକିତ୍ସା ପ୍ରଦାନ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା ବୋଲି ସେ କହିଛନ୍ତି। ସମ୍ମିଳନୀରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ, ଲଣ୍ଡନର କିଙ୍ଗସ୍ କଲେଜ, ଫିଲାଡେଲଫିଆର ଶିଶୁ ଡାକ୍ତରଖାନା ସମେତ ନେଦରଲ୍ୟାଣ୍ଡ, ମଧ୍ୟପ୍ରାଚ୍ୟ, ଇଣ୍ଡୋନେସିଆ, ନେପାଳ, ନିଉଜିଲାଣ୍ଡ କାନାଡା ଆଦି ଦେଶରୁ ୩୦ରୁ ଉର୍ଦ୍ଧ୍ୱ ଫାକଲ୍‌ଟି ଓ ଶିଶୁ ରୋଗ ବିଶେଷଜ୍ଞ ଯୋଗ ଦେଇଥିଲେ।

## କଂଗ୍ରେସ ସେବାଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ବାସୁଦେବ ପରିଡ଼ାଙ୍କ ବିୟୋଗରେ କଂଗ୍ରେସ ଭବନରେ ଶୋକସଭା

ଭୁବନେଶ୍ୱର ,(ପି.ଏନ): କଂଗ୍ରେସ ସେବାଦଳ ସଂଗଠନ ସହ ଦୀର୍ଘ ୭୦ ବର୍ଷଧରି କାର୍ଯ୍ୟକରିଥିବା, ସ୍ୱାଧୀନତା ସଂଗ୍ରାମର ରଚନାତ୍ମକ କର୍ମୀ ତଥା ମାର୍ଶାଘାଇ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବାସୁଦେବ ପରିଡ଼ାଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ, କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ତଥା ମୁଖପାତ୍ର ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହେଇଥିଲା। ଗଭିର ଶୋକପ୍ରକାଶ କରି ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ନେତା ଶିବାନନ୍ଦ ରାୟ କହିଲେ ଯେ ଆମେ ଯୁବ କଂଗ୍ରେସର କାର୍ଯ୍ୟ କରୁଥିବା ସମୟରୁ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ଦାସ, ଦଧିଚୀ ସାହୁ ଓ ବାସୁ ପରିଡ଼ାଙ୍କ କଂଗ୍ରେସ ସେବାଦଳ ପ୍ରତି ସମର୍ପିତ ଭାବନା ଦେଖି ଆସିଛି। ସେଭଳି ମଣିଷମାନେ ଆଉ କଂଗ୍ରେସ ଦଳରେ ନାହାନ୍ତି।

# ୨୪ତମ ଜାତୀୟ ଟେନିସ୍ ଭଲିବଲ୍ ଚମ୍ପିୟାନସିପ୍- ଭାଗ ନେବେ ୨୨ ରାଜ୍ୟରୁ ୫୦୦ ପ୍ରତିଯୋଗୀ




ପାରାଦୀପ,(ପି.ଏନ): ଚଳିତ ମାସ ୨୩ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତପାରାଦୀପ ଠାରେ ଅନୁଷ୍ଠିତ ହେବ ୨୪ ତମ ଜାତୀୟ କ୍ଷୁଦ୍ର ଓ ଯୁବ ଟେନିସ୍ ଭଲିବଲ୍ ଚମ୍ପିୟାନସିପ୍ । ସମଗ୍ର ଦେଶରୁ ୨୨ଟି ରାଜ୍ୟ ସମେତ କେନ୍ଦ୍ରଶାସିତ ଅଂଚଳରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଏହି ଚମ୍ପିୟାନସିପ୍‌ରେ ଭାଗ ନେବେ ବୋଲି ସୋମବାର ଦିନ ରାଜ୍ୟ ଟେନିସ୍ ଭଲିବଲ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ରାଜ୍ୟ ସମ୍ପାଦକ ତଥା ଆୟୋଜନ କମିଟିର ଅଧ୍ୟକ୍ଷ ଶଶିକାନ୍ତନାୟକ । ୨୩ ତାରିଖ ଦିନ ସକାଳ ୯ ଘଟିକା ସମୟରେ ଏହି ଚମ୍ପିୟାନସିପ୍‌କୁ ଉଦଘାଟନ କରିବେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହରନାଦ । ପ୍ରଥମ ଥର ପାଇଁ ଓଡିଶାରେ ଚଳିତ ଥର ଏହି ଚମ୍ପିୟାନସିପ୍‌ର ଆୟୋଜନ କରାଯାଉଛି । ୩ ଦିନ ଧରି ହେବାକୁ ଥିବା ଏହି ଚମ୍ପିୟାନସିପ୍ ପାଇଁ ଗୋପବନ୍ଧୁ ଷ୍ଟାଡିୟମରେ ୪ଟି ଗ୍ରାଉଣ୍ଡ ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏଠାରେ ନିୟମିତ ଭାବେ ଓଡିଶାର ପ୍ରତିଯୋଗୀମାନଙ୍କୁ ତାଲିମ ଦିଆଯାଉଛି । ୨୫ ତାରିଖ ସଂଧ୍ୟାରେ ଏହି ଚମ୍ପିୟାନସିପ୍‌ର ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ । ଉଦଯାପନୀ ସମାରୋହରେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା,ପାରାଦୀପର ପୌରାଧ୍ୟକ୍ଷ ବସନ୍ତବିଶ୍ୱାଳଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗ ଦେବେ ବୋଲି ରାଜ୍ୟ ସଂଘର ସମ୍ପାଦକ ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ସୁଶାନ୍ତକୁମାର ପାତ୍ର, କୋଷାଧ୍ୟକ୍ଷ ଅର୍ଣ୍ଣବ କୁମାର ସିଂହ, ଉପାଧ୍ୟକ୍ଷ ପ୍ରସନ୍ନ କୁମାର ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତି ରଂଜନ ମହାପାତ୍ର, ଅନ୍ୟତମ ଯୁଗ୍ମ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ରାଉତ, ସଦସ୍ୟ ସୁଶାନ୍ତକୁମାର ପରିଡା, ତପନ କୁମାର ମିଶ୍ର, ଆକାଶ ପରିଜା,ଜ୍ଞାନେନ୍ଦ୍ର ମଲ୍ଲିକ,ଆୟୋଜନ କମିଟିର ଯୁଗ୍ମ ସମ୍ପାଦକ କଳ୍ପତରୁ ରଣା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ପାରାଦୀପ ବନ୍ଦର ଏହି ଚମ୍ପିୟାନସିପ୍ ନିମନ୍ତେପୃଷ୍ଟପୋଷକତା କରୁଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

## ସ୍ୱର୍ଗତ ସରୋଜ କୁମାର ପ୍ରଧାନଙ୍କ ଦ୍ୱାଦଶ କ୍ରିୟାରେ ଶ୍ରଦ୍ଧାଞ୍ଜଳି ସଭା

ଦର୍ପଣ,(ପି.ଏନ):ବଡଚଣା ବ୍ଲକ ଅନ୍ତର୍ଗତ ଦେଉଳକୁର ଗ୍ରାମର ସରୋଜ କୁମାର ପ୍ରଧାନଙ୍କ ଦ୍ୱାଦଶ କ୍ରିୟା ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସମାଜସେବୀ ପ୍ରଦିପ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ଅମର ପ୍ରସାଦ ଶତପଥି, ରାଜ୍ୟସଭା ସାଂସଦ ଅଚ୍ୟୁତ ସାମନ୍ତ, ରାଜ୍ୟ ବିଜେଡି ସାଧାରଣ ସଂପାଦକ ଜନ୍ମେଜୟ ଲେଙ୍କା, ପ୍ରଦିପ ଜେନା ଆଇ.ଏସ., ଅବସରପ୍ରାପ୍ତ ଷ୍ଟାଫ ସିଲେକସନ କମିସନର ନିର୍ମଳ ଚନ୍ଦ୍ର ମିଶ୍ର, ବିଜେପି ନେତା ଅମର ନାୟକ, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଜୟ ଲେଙ୍କା, ବସନ୍ତ ନାୟକ, ହେମେଶ ରାଉତ, ଦିଲିପ ଲେଙ୍କା, ସାମ୍ବାଦିକ ଶିବରାମ ସାହୁ, ଇଂଜିନିୟର ଭବାନୀ ଶଙ୍କର ବାରିକ, ସମିତି ସଭ୍ୟ ମଧୁସୁଦନ ବଳ, ସରପଂଚ ପ୍ରତିନିଧି ପ୍ରକାଶ ପ୍ରଧାନ, ସରୋଜ ପଣ୍ଡା, ରାସବିହାରୀ ଜେନା, ଶିକ୍ଷକ ଗଙ୍ଗାଧର ନାୟକ, ସାଗରିକ ।ବିହାରୀ, ଯାଜପୁର ଜିଲ୍ଲା ପରିଷଦ ଉପାପଧ୍ୟକ୍ଷ ଗଣେଶ୍ୱର ବରାଳ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ପଣ୍ଡିତ ପଦ୍ମଲାଭ ଓତା, ନଳିନିପ୍ରଭା ସାମଲ, ପ୍ରକାଶ କୁମାର ସାମଲ ପ୍ରମୁ ଯୋଗ ଦେଇଥିଲେ।

## କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ : ବୃତ୍ତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା,୧୯।୧୨ : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ବ୍ରେନ ଟ୍ରି ଟେକ୍ନୋଲୋଜିର ମିଳିତ ଉଦ୍ୟୋଗରେ ମହାବିଦ୍ୟାଳୟ ପରିସରରେ ଏକ ବୃତ୍ତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ। ବୃତ୍ତି ପରାମର୍ଶ ଓ ନିଯୁକ୍ତି ସଂସ୍ଥାପନ ପ୍ରକୋଷ୍ଠର ସଂଯୋଜିକା ପ୍ରାଧାପିକା ଡଃ. ବାସନ୍ତୀ ଶୁକ୍ଳା ବୃତ୍ତି ଓ ନିଯୁକ୍ତି ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ବ୍ରେନ ଟ୍ରି ଟେକ୍ନୋଲୋଜିର ନିର୍ଦ୍ଦେଶକ ଇଂ ସଂବିତ କୁମାର ରାଉତ ଏବଂ ତାଙ୍କ ଟିମ ମେମ୍ବରମାନଙ୍କ ଦ୍ୱାରା +୩ ଶେଷବର୍ଷ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କର ଏକ ଲିଖିତ ପରୀକ୍ଷା ଓ ଏକ ବ୍ୟକ୍ତିତ୍ୱ ଆକଳନ ପରୀକ୍ଷା କରାଯାଇଥିଲା। ସମୁଦାୟ ୧୬୪ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ୪୮ଜଣ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ରେନ ଟ୍ରି ଟେକ୍ନୋଲୋଜି ୨ମାସର ପ୍ରଶିକ୍ଷଣ ଦେଲା ପରେ ଭାରତର ବିଭିନ୍ନ ଆଇ.ଟି. କମ୍ପାନୀରେ ସେମାନଙ୍କୁ ନିଯୁକ୍ତି ଦେବାର ପ୍ରତିଶୃତି ଇଂ ରାଉତ ପ୍ରଦାନ କରିଥିଲେ। ଆବଶ୍ୟକ ସ୍ଥଳେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ଇଂ ରାଉତ ପ୍ରକାଶ କରିଥିଲେ। ଏହି ସଭାରେ ପ୍ରଫେସର ଡଃ. ଜ୍ଞାନୀନ୍ଦ୍ର ଦାଶ, ଡଃ. ରତ୍ନମଞ୍ଜରୀ ଦାଶ, ରଞ୍ଜିତ ଦାସ, ଦେବକାନ୍ତ ଷଡଙ୍ଗୀ, ଅଶୋକ ଦାସ, ଡଃ. ଗୌର ପ୍ରସାଦ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧାପିକା ପୂର୍ବାସା ପ୍ରିୟଦର୍ଶିନୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରାଧାପକ ଅମର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୧ ଓ ୧୯୮୮ ବ୍ୟାଚ୍‌ର ବନ୍ଧୁମିଳନ





ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୮୧ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ନନ୍ଦନକାନନସ୍ଥିତ ବଟାନିକାଲ ଗାର୍ଡେନ ପରିସରରେ ରବିବାର ଦିନ ଆୟୋଜିତ ହୋଇଥିଲା । ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବୈଦ୍ୟନାଥ ମହାନ୍ତି,ଅବସରପ୍ରାପ୍ତ ଶିକ୍ଷକ ରବି ସ୍ୱାଇଁ, ବିଭୂତି ମହାନ୍ତି ଓ ଉଗ୍ରସେନ ବଳଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ୟାଚ୍‌ର ଛାତ୍ର କ୍ଷିରୋଦ ସୁବୁଦ୍ଧି, ସନ୍ତୋଷ ମିଶ୍ର,ସନ୍ତୋଷ ମହାନ୍ତି, ଦୁଃଶାସନ ସାହୁ,ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ୧୯୮୮ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାରାଦୀପସ୍ଥିତ ଗଲ୍ଫ କୋର୍ସ ଠାରେ ଆୟୋଜିତ ହୋଇଥିଲା । ବ୍ୟାଚ୍‌ର ପୂର୍ବତନ ଛାତ୍ର ତଥା ପ୍ରତିଷ୍ଠିତ କଣ୍ଠ ଶିଳ୍ପୀ ଶକ୍ତି ମହାପାତ୍ରଙ୍କ ସଙ୍ଗୀତର ତାଳେତାଳେ ବନ୍ଧୁମାନେ ଝୁମି ଉଠିଥିଲେ । ଦୀର୍ଘ ଦିନ ପରେ ବନ୍ଧୁମାନେ ଏକତ୍ରିତ ହୋଇଥିବା ବେଳେ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ । ବ୍ରିଜେଶ ଲେଙ୍କା,ଜିତ୍ରେନ୍ଦ୍ର ସେଠୀ,ମନୋରଂଜନ ସାହୁ, ସୁବ୍ରତ ମହାପାତ୍ର, ସଂଜୟ କୁମାର ମିଶ୍ର,ବିଦ୍ୟାଧର ସ୍ୱାଇଁ, ପ୍ରଣତି ଦାସ,ରଶ୍ମି ରଣା ପ୍ରମୁଖ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray